

ପୁଣି ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ୍ ହେଲେ କୋହଲି


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୪୮ ● ୧୫ ଜାନୁଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-348 ● 15th January 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି : ବଢ଼ିବ ଓବିସିଙ୍କ କୋଟା

# ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାରେ ମିଳିବ ସଂରକ୍ଷଣ


ଭୁବନେଶ୍ୱର, ୧୪ ।୧

ନ୍ୟୁଜ୍ ବ୍ୟୁରୋ

ଉଚ୍ଚଶିକ୍ଷା ପରେ ଇଞ୍ଜିନିୟରିଂ ଏବଂ ମେଡିକାଲ ଶିକ୍ଷାରେ ପଛୁଆବର୍ଗ (ଓବିସି)ଙ୍କ ପାଇଁ ବି' ମିଳିବ ସଂରକ୍ଷଣ ସୁବିଧା। ଚଳିତବର୍ଷ ଠାରୁ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ପାଇଁ ସରକାର ଯୋଜନା କରୁଛନ୍ତି ।

ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ସୁବିଧା ପ୍ରଦାନ ଲାଗି ଦୀର୍ଘଦିନର ଦାବି ଉପରେ ଖୁବ୍‌ଶୀଘ୍ର ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛନ୍ତି। ବଡ଼ କଥା ହେଲା ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ମିଳିବ ଦୁଇଗୁଣା ସଂରକ୍ଷଣ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ନୀତି ନିର୍ଦ୍ଧାରଣ କମିଟି ପକ୍ଷରୁ ଏଭଳି ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଆଉ ଏ ପ୍ରସ୍ତାବକୁ ଚଳିତ ଶିକ୍ଷାବର୍ଷରୁ ଲାଗୁ କରିବା ପାଇଁ ରାଜ୍ୟ ସରକାର ଯୋଜନା ଆରମ୍ଭ କରିଦେଇଛନ୍ତି। ପ୍ରସ୍ତାବ ଅନୁସାରେ ଓବିସି ପାଇଁ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷାରେ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ



ରହିବ। ଆଉ ଏକ ବଡ଼ ପ୍ରସ୍ତାବ ହେଉଛି ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଥିବା ସଂରକ୍ଷିତ ସିଟ୍ ଦୁଇ ଗୁଣା କରାଯିବ। ଅର୍ଥାତ୍ ଅନୁସୂଚିତ ଜାତି ସଂରକ୍ଷଣକୁ ୮%ରୁ ୧୬.୨୫%କୁ ଏବଂ ଅନୁସୂଚିତ ଜନଜାତି ସଂରକ୍ଷଣକୁ ୧୨%ରୁ ୨୨.୫୦%କୁ ବୃଦ୍ଧି କରାଯିବ।

ନିଯୁକ୍ତି ବେଳେ ଥିବା ସଂରକ୍ଷଣ ଅନୁପାତ ଅଧିକ ରହୁଥିବାରୁ ଉଚ୍ଚଶିକ୍ଷାରେ ସଂରକ୍ଷଣକୁ ବଢାଇବାକୁ ଏପରି ନିଷ୍ପତ୍ତି ନିଆଯାଇଛି। କମିଟିର ଏହି ନିଷ୍ପତ୍ତିକୁ ରାଜ୍ୟ ସରକାର ଗ୍ରହଣ କରି ଚଳିତ ବର୍ଷ ଠାରୁ ଲାଗୁ କରିବେ ବୋଲି ସୂଚନା ଦେଇଛନ୍ତି କମିଟିର ସଦସ୍ୟ ବିଧାୟକ ସନ୍ତୋଷ ଖଟୁଆ।

ଅନ୍ୟପକ୍ଷରେ କେବଳ ଶିକ୍ଷାକ୍ଷେତ୍ରରେ ନୁହେଁ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ସୁବିଧା ଦିଆଯାଉ ବୋଲି ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇଛି।

ଶିକ୍ଷା ଏବଂ ନିଯୁକ୍ତିରେ ଓବିସିଙ୍କୁ ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ନୂଆ ସରକାର ଆସିବା ପରେ ଉଚ୍ଚ ଶିକ୍ଷା ବା କେବଳ ୟୁଜି ଏବଂ ପିଜିରେ ଓବିସିଙ୍କୁ ସଂରକ୍ଷଣ ନେଇ ମେ' ୧୪, ୨୦୨୫ରେ ହୋଇଥିଲା କ୍ୟାବିନେଟ ନିଷ୍ପତ୍ତି। କିନ୍ତୁ ପରେ ଇଞ୍ଜିନିୟରିଂ ଏବଂ ମେଡିକାଲ ଶିକ୍ଷାରେ ମଧ୍ୟ ସଂରକ୍ଷଣ ନେଇ ଦାବି ଉଠିଥିଲା। ଯାହାକୁ ଚଳିତ ବର୍ଷଠାରୁ ଲାଗୁ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ତେବେ ରାଜ୍ୟ ପଛୁଆ ବର୍ଗ ମଞ୍ଚ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## ଉପାସରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ନୀତିକାନ୍ତି ବନ୍ଦ ଯୋଗୁଁ ଭକ୍ତ-ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଭୁବନେଶ୍ୱର, ୧୪ ।୧

ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ସନ୍ଧ୍ୟା ଧୂପଠାରୁ ମହାପ୍ରଭୁ ଶ୍ରୀଲିଙ୍ଗରାଜ ଖାଡା ଉପବାସରେ । ମନ୍ଦିରରେ ନୀତିକାନ୍ତି ସବୁ ବନ୍ଦ । ବୁଧବାର ସକାଳୁ ମଧ କୌଣସି ନୀତି ଅନୁଷ୍ଠିତ ହୋଇପାରି ନାହିଁ । ଏଭଳି ସ୍ଥିତି ପାଇଁ ମକର ପୂର୍ବ ସନ୍ଧ୍ୟାର ନବାଙ୍କ ବେଢାରେ କ୍ଷୀର ଆଉଟା ସେବା ଅଧିକାର ବିବାଦ ହିଁ ମୁଖ୍ୟ କାରଣ ବୋଲି କୁହାଯାଇଛି। ଏଥିପାଇଁ ସେବାୟତମାନେ ମନ୍ଦିର ଟ୍ରଷ୍ଟବୋର୍ଡ ଓ ପ୍ରଶାସକଙ୍କୁ ଦାୟୀ କରିଛନ୍ତି। ତେବେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ନୀତି ବିଭ୍ରାଟ ଓ ଉପବାସକୁ ନେଇ ସେବାୟତଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂହ। ନୀତିକାନ୍ତି ବନ୍ଦ କରିଥିବା ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଚେତାବନୀ ଶୁଣାଇଛନ୍ତି। ଆପଣ ଠାକୁରଙ୍କ ଠାରୁ ବଡ଼ ନୁହେଁ । ଆମ ପରିଚୟ ଶ୍ରୀ ଲିଙ୍ଗରାଜ। ସେବାୟତ ସେବା କରିବାକୁ ଅଛନ୍ତି, ନିଷ୍ପତ୍ତି ନେବାକୁ ନୁହେଁ। ନୀତିକାନ୍ତି ବନ୍ଦ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେବାୟତ ଭାଇମାନଙ୍କୁ ଅନୁରୋଧ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦିଅନ୍ତୁ ନାହିଁ। ଆମ ଭିତରେ ଶହେ କଳି ଥାଇପାରେ ପୂଜା ପରେ



ଆଲୋଚନା ହୋଇପାରେ। ସରକାର ଯଦି ଶୁଣିନାହାନ୍ତି ପୂଜା ପରେ ଆଲୋଚନା ହୋଇପାରିବ। ଯେଉଁମାନେ ନୀତିକାନ୍ତି ବନ୍ଦ କରିଛନ୍ତି ପୂଜା କରିବାକୁ ସେମାନଙ୍କ ଯୋଗ୍ୟତା ନାହିଁ ବୋଲି ସେ କହିଛନ୍ତି। ଏକାମ୍ର ବିଧାୟକ ଆହୁରି କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଆଇନ ଆସିବା ପର୍ଯ୍ୟନ୍ତ ପ୍ରଭୁଙ୍କ ନୀତିକାନ୍ତିରେ ଅବହେଳା କରନ୍ତୁ ନାହିଁ। ୨ ରୁ ୪ ମାସ ମଧ୍ୟରେ ଆଇନ ଆସିବ। ଓଡ଼ିଶା ସରକାରଙ୍କ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ସରିଛି । ବର୍ତ୍ତମାନ ଏହା କେନ୍ଦ୍ରକୁ ପଠା ଯିବ। କେନ୍ଦ୍ରର ସ୍ୱୀକୃତି ପରେ ରାଷ୍ଟ୍ରପତିଙ୍କ ଠାରୁ ଅନୁମୋଦନ ମିଳିବ । ପରେ ଲିଙ୍ଗରାଜ ମନ୍ଦିର ନୂଆ ଆଇନ ଲାଗୁ ହେବ । କିନ୍ତୁ ସେ ପର୍ଯ୍ୟନ୍ତ ଏମିତି ବିବାଦ କରି ନୀତି ବନ୍ଦ ନ କରିବା ପାଇଁ ସେ ସେବାୟତଙ୍କୁ ଚେତାବନୀ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ୨୦୨୫ ମକର ପୂର୍ବ ସନ୍ଧ୍ୟାରେ ସାମନ୍ତରା ଘରୁ ଘୃତ କମଳ ପ୍ରସ୍ତୁତି ନିମନ୍ତେ କ୍ଷୀର ଅଣାଯାଇଥିଲା। ସେହି କ୍ଷୀରକୁ ଆଉଟାଇ ଘୃତ କମଳ ପ୍ରସ୍ତୁତି ହୋଇଥିଲେ ମକରରେ ଶ୍ରୀଜିଉଙ୍କୁ ଲାଗି ହୋଇଥାନ୍ତା । କିନ୍ତୁ କ୍ଷୀର (ପୃଷ୍ଠା ୭ରେ)

## ୨୫୦୦ରୁ ଅଧିକ ଜୀବନ ଗଲାଣି

ତେହେରାନ, ୧୪ ।୧

ଇରାନରେ ଚାଲିଥିବା ବିକ୍ଷୋଭ ଏବେ ଏକ ଭୀଷଣ ରକ୍ତପାତର ରୂପ ନେଇଛି। ବୁଧବାର ହିଂସାଜନିତ ମୃତ୍ୟୁସଂଖ୍ୟା ୨,୫୦୦ରୁ ଅଧିକ ହୋଇଯାଇଛି ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଚେତାବନୀ ପରେ ଆମେରିକା ଯେ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବା ଆଶଙ୍କା ବଢ଼ିଛି। ଇରାନର ସୁପ୍ରିମ୍ ଲିଡର୍ ଆୟତୋଲ୍ଲା ଅଲି ଖେମିନିଙ୍କ ଆଦେଶରେ ସରକାରୀ ବାହିନୀ ବିକ୍ଷୋଭକାରୀଙ୍କ ଉପରେ ସିଧାସଳଖ ଗୁଳିମାଡ଼ କରିବା ଯୋଗୁଁ ମୃତ୍ୟୁ ସଂଖ୍ୟା ଉଦବେଗଜନକ ଭାବେ ବଢ଼ିଚାଲିଛି। ସିଏନ୍ଏନ୍ ଓ ଇରାନ ଇଣ୍ଟରନ୍ୟାସନାଲ୍ ରିପୋର୍ଟ ଅନୁଯାୟୀ, ଜାନୁଆରି ୮ ଓ ୯ରେ କେବଳ ଦୁଇ ରାତିରେ ପ୍ରାୟ ୧୨,୦୦୦



ଲୋକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ସରକାରୀ ସୂତ୍ର ଏହାକୁ ଖଣ୍ଡନ କରିଛି। ମାନବାଧିକାର ସଂଗଠନ ହ୍ୟୁମାନ୍ ରାଇଟ୍ସ ଆକ୍ଟିଭିଷ୍ଟ ଇନ୍ ଇରାନ୍ (ଏଚ୍ଆରଏଏନ୍ଏ) ଅନୁଯାୟୀ, ଅତି କମରେ ୧୮,୦୦୦ ଲୋକଙ୍କୁ ଗିରଫ କରାଯାଇଛି।

ବିକ୍ଷୋଭକାରୀମାନେ ଇସଲାମିକ୍ ରିପବ୍ଲିକର ଅନ୍ତ ଘଟାଇବାକୁ ଦାବି କରୁଛନ୍ତି ଏବଂ ରାଜତନ୍ତ୍ରର (ପୃଷ୍ଠା ୭ରେ)

## ଭାରତୀୟଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ଆଡଭାଇଜରୀ ଜାରି

ନୂଆଦିଲ୍ଲୀ, ୧୪ ।୧

ବୈଦେଶିକ ମନ୍ତ୍ରଣାଳୟ ଏକ ପରାମର୍ଶ ଜାରି କରି କହିଛି ଯେ ଇରାନରେ ଚାଲୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକମାନେ ପରବର୍ତ୍ତୀ ସୂଚନା ମିଳିବା ପର୍ଯ୍ୟନ୍ତ ସେଠାକୁ ଯାତ୍ରା କରିବାରୁ ବିରତ ରୁହନ୍ତୁ। ଏହା ପୂର୍ବରୁ ୫ ଜାନୁଆରୀରେ ମଧ ବିଦେଶ ମନ୍ତ୍ରଣାଳୟ ଏହି ପ୍ରକାରର ଏକ ପରାମର୍ଶ ଜାରି କରିଥିଲା। ଇରାନରେ ଅବସ୍ଥିତ ଭାରତୀୟ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ସାମ୍ରାଜ୍ୟ ଦେଶମାନଙ୍କ ସଭାପତି ସମ୍ମେଳନର ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ।
- ଖାଦ୍ୟ ସୁରକ୍ଷା ଯୋଜନାର ସମୀକ୍ଷା କଲେ କେନ୍ଦ୍ର ସରକାର।
- ଜାପାନ ବିଦେଶମନ୍ତ୍ରୀଙ୍କ ଭାରତ ଗସ୍ତ।
- ରାଜ୍ୟର ଅନେକ ମଣ୍ଡିରେ ଧାନ କ୍ରୟରେ ବିଳମ୍ବ।
- ଲୋକାୟୁକ୍ତ ନିଯୁକ୍ତି ନେଇ ଉଚ୍ଚନ୍ୟାୟାଳୟ ରିପୋର୍ଟ ମାଗିଲେ।
- ଶିଳ୍ପ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଯୋଜନା।
- ରାଉରକେଲାରେ ହେଲିପ୍ୟାଡ୍ ଦୁର୍ଘଟଣାରେ ଆହତ।
- ଓଡ଼ିଶା ସରକାର ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ବାଧ୍ୟତାମୂଳକ କଲେ।

## ଓଡ଼ିଶାର ବୌଦ୍ଧ ଐତିହ୍ୟ ଓ ପର୍ଯ୍ୟଟନ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି

ଯାଜପୁର, ୧୪ ।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ବେଶ୍ ଉତ୍ସାହର ସହ ପାଳନ କରାଯାଉଅଛି। ସମ୍ମିଳନୀର ଚତୁର୍ଥ ଦିନରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଡ଼ଚଣା ବିଧାୟକ ଅମର କୁମାର (ପୃଷ୍ଠା ୭ରେ)



## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୦୦(+୧୪୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୨୦୦ (+୧୩୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୦୦ (+୧୧୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୦୭ (+୧୫)

## ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣାରେ ୨ଜଣ ନର୍ସ ନିପା ଭୂତାଣୁରେ ସଂକ୍ରମିତ

କୋଲକାତା, ୧୪ ।୧

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣାରେ ଘରୋଇ ହସ୍ପିଟାଲରେ ୨ଜଣ ନର୍ସ ନିପା ଭୂତାଣୁରେ ସଂକ୍ରମିତ ହୋଇଛନ୍ତି । ସେମାନଙ୍କଠାରେ ରହିଥିବା ଲକ୍ଷଣ ନିପା ଭୂତାଣୁ ବୋଲି ପ୍ରାଥମିକ ରିପୋର୍ଟରୁ ସ୍ପଷ୍ଟ ହୋଇଛି । ସେମାନଙ୍କ ନମୁନା ଏମ୍ସକୁ ପଠାଯାଇଛି । ସଂକ୍ରମଣ ରୋକିବାକୁ ଏକ ଜାତୀୟ ଯୁଗ୍ମ ସଂକ୍ରମଣ ରେସପନ୍ସ ଦଳ ଗଠନ ହୋଇଛି । ତେବେ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପ୍ରତିଦିନ ଲୋକଙ୍କ ଯିବାଆସିବା ଲାଗି ରହିଥିବାରୁ ଓଡ଼ିଶା ପାଇଁ ଏହା ଭୟ ବଢ଼ାଇଛି ।

ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ନିପା ଭୂତାଣୁ ଚିହ୍ନଟ ହୋଇନାହାନ୍ତି । କୋଭିଡ୍ ପରିସ୍ଥିତିରେ ଅନ୍ୟ ରାଜ୍ୟ ଓ ବିଦେଶରୁ ଆସିଥିବା ବ୍ୟକ୍ତିଙ୍କ ଜରିଆରେ ଯେଉଁଭଳି ସଂକ୍ରମଣ ବ୍ୟାପିଥିଲା ତାହାର ଭୟ ଏବେ ବି ମନରୁ ଯାଇନାହିଁ । ପଶୁ, ସଂକ୍ରମିତ ଖାଦ୍ୟ କିମ୍ବା ସିଧାସଳଖ ମଣିଷକୁ ନିପା ଭୂତାଣୁ ବ୍ୟାପିଥାଏ । ସଂକ୍ରମିତ ଲାଳ, ମଳ, ମୂତ୍ର ଓ ରକ୍ତ ଜରିଆରେ ଏହା ବ୍ୟାପିବାର ଆଶଙ୍କା ଅଧିକ । ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଜ୍ୱର ସହ ମୁଣ୍ଡବିନ୍ଧା, ଗଳା ଦରଜ, ଡାଇରିଆ, ବାନ୍ତି, ମାଂସପେଶୀରେ ଯନ୍ତ୍ରଣା ଓ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି ହୋଇଥାଏ । ଗୁରୁତର ଆକ୍ରାନ୍ତ ବ୍ୟକ୍ତି କୋମାକୁ ଚାଲିଯିବାର ଆଶଙ୍କା ରହିଛି। ତେଣୁ ନିୟମିତ ହାତ ଧୋଇବା ସହ ସଂକ୍ରମିତ ଘୁଷୁରି ଓ ବାଦୁଡ଼ିଙ୍କଠାରୁ ଦୂରେଇ ରହିବା ଆବଶ୍ୟକ ।

## ପୋଙ୍ଗଲ ପାଳିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୪ ।୧

ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷିଭିତ୍ତିକ ପର୍ବ ପୋଙ୍ଗଲ ପାଳିଛନ୍ତି। କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗନଙ୍କ ଦିଲ୍ଲୀ ଘରେ ପୋଙ୍ଗଲ ପାଳିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏପରିକି କିଛି ଗାଈ ମାନଙ୍କୁ ଖାଇବାକୁ ମଧ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ପୋଙ୍ଗଲ ଏକ ବିଶ୍ୱସ୍ତରୀୟ ପର୍ବ ପାଲଟିଛି। ସାରା ବିଶ୍ୱରେ, ତାମିଲ ସମ୍ପ୍ରଦାୟ ଏବଂ ତାମିଲ ସଂସ୍କୃତିକୁ ପ୍ରଶଂସା କରୁଥିବା ଲୋକମାନେ ପୋଙ୍ଗଲକୁ ବହୁତ ଉତ୍ସାହର ସହିତ ପାଳନ କରନ୍ତି ଏବଂ ମୁଁ ସେମାନଙ୍କ ମଧ୍ୟରୁ ଜଣେ ହୋଇଥିବାରୁ ଗର୍ବିତ। ତାମିଲ୍ ସଂସ୍କୃତି ପୁରାତନ ସଂସ୍କୃତି ଏବଂ ପୂରା ବିଶ୍ୱକୁ ବାଟ ଦେଖାଇଛି ।

ଆପଣମାନଙ୍କ ସହିତ ଏହି ପର୍ବ ପାଳନ



କରିବା ମୋ ପାଇଁ ଏକ ସମ୍ମାନର ବିଷୟ। ତାମିଲ ସଂସ୍କୃତିରେ, ପୋଙ୍ଗଲ ଏକ ଅତ୍ୟନ୍ତ ଆନନ୍ଦଦାୟକ ଅବସର। ଏହା ଆମର କୃଷକମାନଙ୍କ କଠିନ ପରିଶ୍ରମକୁ ଦର୍ଶାଏ। ଏହା ଭୂମି ଏବଂ ସୂର୍ଯ୍ୟ ପ୍ରତି ଆମର କୃତଜ୍ଞତାକୁ ଦର୍ଶାଏ। ଏହା ସହିତ ଏହି ପର୍ବ ଆମକୁ ପ୍ରକୃତି, ପରିବାର ଏବଂ ସମାଜ ମଧ୍ୟରେ ଏକ ସୁଦୃଢ଼ ସନ୍ତୁଳନ ବଜାୟ ରଖିବାର ଗୁରୁତ୍ୱ ଶିଖାଏ।

## ଛତିଶଗଡର ସୁକମାରେ ୨୯ ନକ୍ସଲଙ୍କ ଆତ୍ମସମର୍ପଣ

ସୁକମା, ୧୪ ।୧

ଛତିଶଗଡ଼ର ସୁକମା ଜିଲ୍ଲାର ଗୋଗୁଣ୍ଡାରେ ବୁଧବାର ୨୯ ଜଣ ନକ୍ସଲ ଏକାସାଥିରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ସମସ୍ତେ ଦର୍ଭା ଡିଭିଜନର ଆର୍ମ୍ଡ କ୍ୟାଡର ସହିତ ସଂପୃକ୍ତ ନକ୍ସଲ ଥିଲେ।

ସୁକମାର ପୁଲିସ ଅଧୀକ୍ଷକ କିରଣ ଚ୍ୱୋହାନ କହିଛନ୍ତି ଯେ ନକ୍ସଲମାନେ ୧୦ଟି ଆଧୁନିକ ଅସ୍ତ୍ର ମଧ ଜମା କରିଛନ୍ତି, ଯାହା ମଧ୍ୟରେ ୩ଟି ଏକେ–୪୭, ୧ଟି ଏସ୍ଏଲଆର, ୩ଟି ଇନସାସ, ୨ଟି .୩୦୩ ରାଇଫଲ୍ ଏବଂ ୧ଟି .୩୦ କାର୍ବାଇନ୍ ରାଇଫଲ୍ ଅନ୍ତର୍ଭୁକ୍ତ ଅଛି। ସୁକମାରେ ଗୋଗୁଣ୍ଡାରେ ଏହା ଏହି ବର୍ଷର ସବୁଠାରୁ ବଡ଼ ନକ୍ସଲ ଆତ୍ମସମର୍ପଣ ଘଟଣା।

## ଏକାଳ ପଖାଳ



କେଜାଣି କଣ କରୁଛନ୍ତି ସବୁ
ପାରନ୍ତିନି କେହି ଧରି
ମାଂଜାସୂତା ବିକନ୍ତି ମଜାରେ
ଦଣ୍ଡକୁ ବି ଫୁସ୍ କରି।
ଜନଜୀବନକୁ ବାଜି ମାରି
ନିଜ ଖୁସି ପାଇଁ ଯିଏ କରୁଛନ୍ତି
ଧରି ଦେଇ ଯାଆ କୋରି।

## ଭୁବନେଶ୍ୱର ବିମାନବନ୍ଦରର ସର୍ବକାଳୀନ ରେକର୍ଡ




ଭୁବନେଶ୍ୱର, ୧୪ ।୧

ନ୍ୟୁଜ୍ ବ୍ୟୁରୋ

ନୂଆ ରେକର୍ଡ ସୃଷ୍ଟି କରିଛି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର। ୨୦୨୫ରେ ସର୍ବକାଳୀନ ରେକର୍ଡ କରିଛି। ଏହି ବିମାନବନ୍ଦରରୁ ୫.୧୫ ମିଲିୟନ ଯାତ୍ରୀ ଯାତାୟାତ କରିଛନ୍ତି। କୌଣସି ବର୍ଷ ଏତେ ଯାତ୍ରୀ ଯାତ୍ରା କରି ନ ଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଯାତ୍ରୀଙ୍କ ଏହି ଯାତାୟାତରେ ଦେଶରେ ୧୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି। ୭ କୋଟି ଯାତ୍ରୀଙ୍କ ଯାତାୟାତ ସହ ଶୀର୍ଷରେ ଦିଲ୍ଲୀ ବିମାନବନ୍ଦର ରହିଛି। ଏବେ ଭୁବନେଶ୍ୱର ବିମାନବନ୍ଦରରୁ ମୋଟ୍ ୨୮ଟି ସ୍ଥାନକୁ ବିମାନ ଉଡ଼ାଣ କରୁଛି।

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ସେବା ଯୋଗାଇ ଦେଉଥିବା ଏକ ବିମାନବନ୍ଦର। ଏହା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ। ଭାରତର ପ୍ରମୁଖ ବିମାନବନ୍ଦର ମଧ୍ୟରେ ଗଣନା କରାଯାଉଥିବା, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଭାରତର ୧୩ତମ ବ୍ୟସ୍ତବହୁଳ ବିମାନବନ୍ଦର। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ (ପୃଷ୍ଠା ୭ରେ)

## ହାଡ଼ ଭଙ୍ଗା ଶୀତରେ ଥରୁଛି ସାରା ଓଡ଼ିଶା

ଘୁ.ଉଦୟଗିରି, ୧୪ ।୧

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ସବୁଠାରୁ କମ୍ ତାପମାତ୍ରା ଏବଂ ଶୀତର ସହର ତଥା କନ୍ଧମାଳଜିଲ୍ଲା 'ଘୁ.ଉଦୟଗିରି'ରେ ଶୀତ ଲହରୀ ଜାରି ରହିଥିବା ବେଳେ ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଅଞ୍ଚଳ। ଘୁ.ଉଦୟଗିରି ଗତ ଦୁଇ ସପ୍ତାହ ହେଲା ତାପମାତ୍ରା କମିବାରେ ଲାଗିଛି। ଶୀତର ଲୁଚକାଳି ଚାଲିଥିବା ବେଳେ ହଠାତ୍ କିଛି ଦିନ ହେଲା ଥଣ୍ଡା ବଢ଼ିଛି।

ଗତ ସପ୍ତାହେ ହେଲା ସନ୍ଧ୍ୟା ହେଲେ ଅସହ୍ୟ ଥଣ୍ଡା ଅନୁଭୂତ ହେଉଛି। ଗତକାଲି ତାପମାତ୍ରା ୪.୮ଡିଗ୍ରୀ ତାପମାତ୍ରା ଥିବା ବେଳେ ଆଜି ତାପମାତ୍ରା ୩.୭ ଡିଗ୍ରି ରେକର୍ଡ କରାଯାଇଛି। ଓଡ଼ିଶାର ସବୁଠାରୁ କମ



ତାପମାତ୍ରା ଏବଂ ଶୀତଳ ସହର ଭାବେ ରେକର୍ଡ କରିଛି। ହାଡ଼ଭଙ୍ଗା ଶୀତରେ ଘୁ.ଉଦୟଗିରି ସହର ସମେତ ଆଖପାଖ ଅଞ୍ଚଳରେ ଲୋକେ ନିଆଁକୁ ଆଶ୍ରା କରି ରହୁଥିବା ଦେଖିବାକୁ ମିଳିଛି। ପ୍ରବଳ ଶୀତ ସାଙ୍ଗକୁ ଜାଡ଼ ଓ ଥଣ୍ଡା ଯୋଗୁଁ ଅଞ୍ଚଳବାସୀ ଖରା ଓ ନିଆଁର ସାହାରା ନେଉଛନ୍ତି। ପ୍ରବଳ କୁହୁଡ଼ି ଯୋଗୁଁ ଯାନବାହନ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜାନୁଆରୀ ୨୦୨୬ ଗୁରୁବାର





# କେନ୍ଦୁଝର ଜିଲ୍ଲାରେ ୧୧ଟି ନୂତନ ରୁଟ୍‌ରେ ଗଡ଼ିବ 'ମୁଖ୍ୟମନ୍ତ୍ରୀ ବସ୍ ସେବା'



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସହଜ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ୧୨ ତାରିଖ ଜିଲ୍ଲାପାଳ ବିଶାଳ ସିଂହଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ସଂଶୋଧିତ ରୁଟ୍‌ଗୁଡ଼ିକର ଶୁଭାରମ୍ଭ ହୋଇଯାଇଛି । ଏହି ନୂତନ ପଦକ୍ଷେପ ଦ୍ୱାରା ଜିଲ୍ଲାର ବିଭିନ୍ନ ବ୍ଲକ ଓ ସଦର ମହକୁମା ମଧ୍ୟରେ ଯୋଗାଯୋଗ ଆହୁରି ସରଳ ହେବ । ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୧୪.୧୦.୨୦୨୫ ତାରିଖରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଏହି ରୁଟ୍ ଗୁଡ଼ିକର ଯୁକ୍ତିକରଣ କରାଯାଇଛି । ଜନସାଧାରଣଙ୍କୁ ନିର୍ଭରଯୋଗ୍ୟ ଏବଂ ଆରାମଦାୟକ ପରିବହନ ସେବା ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ । ଜିଲ୍ଲାରେ ସମୁଦାୟ ୧୧ଟି ରୁଟ୍‌ରେ ବସ୍ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଛି । ଯେଉଁଥିରେ ୩ଟି ଜିଲ୍ଲା ସଂଯୋଗୀକରଣ ରୁଟ୍ ଏବଂ ୮ଟି ବ୍ଲକ ସଂଯୋଗୀକରଣ ରୁଟ୍ ରହିଛି । ଜିଲ୍ଲାର ନୂତନ ସଂଯୋଗୀକରଣ ରୁଟ୍ ମଧ୍ୟରେ ଘଟଗାଁ ରୁ କେନ୍ଦୁଝର ସଦର (ପିପିଳିଆ ଦେଇ) ପାଟଣାରୁ କେନ୍ଦୁଝର ସଦର ଶରଦାପୁର ଦେଇ କେନ୍ଦୁଝର ସଦରରୁ ହରିଚନ୍ଦନପୁର ଏବଂ ବ୍ଲକ ସଂଯୋଗୀକରଣ ରୁଟ୍ ମଧ୍ୟରେ ଆନନ୍ଦପୁରରୁ ହାଟଡିହି, ଆନନ୍ଦପୁରରୁ କଦବାହାଳ ଘସିପୁରା ଦେଇ, ହରିଚନ୍ଦନପୁରରୁ ଦେଓଗାଁ, ହରିଚନ୍ଦନପୁରରୁ ଘଟଗାଁ, ହାଟଡିହିରୁ ଘସିପୁରା, ହାଟଡିହିରୁ ଆନନ୍ଦପୁର, ସାହାରପଡାରୁ ପାଟଣା ଏବଂ ଘସିପୁରାରୁ ହାଟଡିହି ଏହି ନୂତନ ବସ୍ ସେବାଦ୍ୱାରା ବ୍ଲକ ଏବଂ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଆହୁରି ସହଜ ହୋଇପାରିବ।

# ଜୋର୍ ଜବରଦସ୍ତ କରାଇହେବନି ଝିଅର ବିବାହ:ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିବାହ ପୂର୍ବରୁ ଝିଅର ସ୍ୱୀକୃତି ନେବା ଜରୁରୀ । ଜୋର୍ ଜବରଦସ୍ତି ଝିଅର ବିବାହ କରେଇ ପାରିବେନାହିଁ ଅଭିଭାବକ । କିମ୍ବା ଅନ୍ୟ ସମ୍ପର୍କୀୟ ବୋଲି ହାଇକୋର୍ଟ ଏକ ମାମଲାର ଶୁଣାଣି କରି ଏହା କହିଛନ୍ତି । ଝିଅକୁ ବିବାହ କରିବା ପୂର୍ବରୁ ଝିଅର ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ ଅଟେ । କନ୍ୟାକୁ ବିବାହ ପାଇଁ ବାଧ କରିବା ସୁସ୍ଥ ସମାଜ ପାଇଁ ଅନୁକୂଳ ନୁହେଁ । ପ୍ରାପ୍ତ ବୟସ୍କ କନ୍ୟାର ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ୍, ହାଇକୋର୍ଟ । ଏକ ହେବିୟସ କର୍ପସ ମାମଲାର ଶୁଣାଣି କରି ରାୟ ଦେଇଛନ୍ତି ହାଇକୋର୍ଟ । ସୂଚନା ଥାଉକି ବିବାହ ସଂପର୍କରେ ହାଇକୋର୍ଟ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ରାୟ । ହାଇକୋର୍ଟ କହିଛନ୍ତି ଅଭିଭାବକ ମାନେ ବିବାହ ସଂପର୍କିତ ନିଷ୍ପତ୍ତି ନେବା ପୂର୍ବରୁ ଏହି ପ୍ରସଙ୍ଗରେ ଝିଅର ସ୍ୱୀକୃତି ନେବା ନିଶ୍ଚିତ ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି । ଏପରି କୌଣସି ନିଷ୍ପତ୍ତି ଅଭିଭାବକଙ୍କ ଦ୍ୱାରା ନିଆଯିବା ପୂର୍ବରୁ ଝିଅର ଅନୁମତି ନିଆଯିବା ଉଚିତ୍ । ଯେତେବେଳେ ଜଣେ ଝିଅ ବିବାହ ପାଇଁ ପ୍ରସ୍ତୁତ ନଥାଏ, ବାହ୍ୟ ବଳ ପ୍ରୟୋଗ କରି ତାଙ୍କୁ ବାହାଦେବା ସୁସ୍ଥ ସମାଜ ପାଇଁ ଅନୁକୂଳ ନୁହେଁ । ଅଭିଭାବକ ମାନେ ନିଜ ନିଷ୍ପତ୍ତି ପିଲାମାନଙ୍କ ଉପରେ ଲଦି ଦେବାର ଭାବନା ବିରୋଧରେ ପ୍ରଶାସନ ସଚେତନ କରିବା ଆବଶ୍ୟକ । ପ୍ରାପ୍ତ ବୟସ୍କ ଝିଅର ନିଷ୍ପତ୍ତିକୁ ସମ୍ମାନ ଦେବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି ।





# ଅତିରିକ୍ତ ସୁରକ୍ଷାଜମା ପ୍ରସଙ୍ଗରେ ଟାଟା ପାୱାରକୁ ହାଇକୋର୍ଟଙ୍କ ଜବାବ ତଲବ

**କଟକ, ନ୍ୟୁଜ୍ ବ୍ୟୁରୋ**

ଅତିରିକ୍ତ ବିଦ୍ୟୁତ ସୁରକ୍ଷା ଜମା ଆଦାୟ ପ୍ରସଙ୍ଗରେ ଟାଟା ପାୱାରକୁ ଜବାବ ତଲବ କରିଛନ୍ତି ହାଇକୋର୍ଟ । ଏହାସହିତ ଓଇଆରସି ଏବଂ ରାଜ୍ୟ ସରକାରଙ୍କୁ ମଧ୍ୟ ନୋଟିସ୍ ଜାରି ହୋଇଛି । ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ । ତିନି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି । ଭଏସ୍ ଅଫ୍ କଟକ ପକ୍ଷରୁ ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ବିରୋଧ କରି ହାଇକୋର୍ଟରେ ରୁଜୁ ହୋଇଛି ଜନସ୍ୱାର୍ଥ ମାମଲା । ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଆଇନ୍ ଏବଂ ଓଡ଼ିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ଅଭିଯୋଗ ଦର୍ଶାଇ ହାଇକୋର୍ଟରେ ମାମଲା ଦାୟର ହୋଇଛି । ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ତୁରନ୍ତ ପ୍ରତ୍ୟାହାର କରିବା ନେଇ ଆବେଦନରେ ଦର୍ଶାଯାଇଛି । ସୁରକ୍ଷା ଜମା ଥାଇ ମଧ୍ୟ ପୁଣି ଥରେ ହଜାର ହଜାର ଟଙ୍କା ମାଗିବା ଓ ବିଦ୍ୟୁତ କାଟିବାକୁ ଧମକ ଦେବା ବେଆଇନ୍ ବୋଲି ଆବେଦନକାରୀ ମାମଲାରେ ଦର୍ଶାଯାଇଛନ୍ତି । ପୂର୍ବରୁ ଟାଟା ପାୱାର ୭,୨୧୫ କୋଟିର ଅତିରିକ୍ତ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ରଖିଥିବା ମଧ୍ୟ ମାମଲାରେ ଦର୍ଶାଯାଇଛି । ବିନା ଗ୍ରାହକ ସମ୍ମତି ଓ ସଚେତନତାରେ ସ୍ମାର୍ଟ ମିଟର ସ୍ଥାପନ କରିବା ବେଆଇନ୍ ବୋଲି ପିଟିସନ୍‌ରେ ଉଲ୍ଲେଖ କରିଥିଲେ ଆବେଦନକାରୀ । ଏହି ପ୍ରକ୍ରିୟା ବିଦ୍ୟୁତ ଆଇନ୍ ୨୦୦୩ ଏବଂ ସମ୍ବିଧାନର ଧାରା ୧୪ ଓ ୨୧ର ଖୋଲାଖୋଲି ଉଲ୍ଲଂଘନ ବୋଲି ମାମଲାରେ ଦର୍ଶାଯାଇଛି ।

# ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଲାଗିଲା ନିଆଁ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡା ରେଳ ଷ୍ଟେସନ୍ ୧ ନମ୍ବର ପ୍ଲାଟ୍‌ଫର୍ମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ଜଣାପଡିଛି । ସୂଚନା ଅନୁସାରେ, ପୂର୍ବାହ୍ନରେ ଝାରସୁଗୁଡା ମୁଖ୍ୟ ରେଲୱେ ଷ୍ଟେସନ୍ ପ୍ଲାଟ୍‌ଫର୍ମ ନମ୍ବର ୧ରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ଚାଲିଥିବାବେଳେ ଏକ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା । ଯାହାଫଳରେ ସର୍ଟ ସର୍କିଟ୍ ହୋଇ ପ୍ଲାଟ୍‌ଫର୍ମ ମଧ୍ୟରେ ଏବଂ ପ୍ଲାଟ୍‌ଫର୍ମ ବାହାରେ ଧୂଆଁମୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ନିଆଁ ଲାଗିବା ଜାଣିବା ପରେ ପ୍ରଥମେ ପ୍ଲାଟ୍‌ଫର୍ମକୁ ଖାଲି କରିଦିଆଯାଇଥିଲା । ଖବରପାଇ ଆର୍‌ପିଏଫ୍, ଜିଆର୍‌ପି ଓ ଝାରସୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ପରେ ରେଲୱେ ବିଭାଗର ବିଦ୍ୟୁତ୍ କର୍ମଚାରୀ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ନିଆଁକୁ ଆୟତ କରିଥିଲେ । ଏଥିରେ କୌଣସି ଜୀବନ ହାନୀ ହୋଇନାହିଁ । ତେବେ ଅଗ୍ନିକାଣ୍ଡ ଯୋଗୁଁ ଡି.ଟି.ସି. ଚ୍ୟାମ୍ବର, ଟିକେଟ୍ କାଉଣ୍ଟର ଓ ରେଲୱେ ଲାଇନ୍ କ୍ଷତିଗ୍ରସ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର ଆକଳନ କରାଯାଇନାହିଁ । ସ୍ଥିତି ନିୟନ୍ତ୍ରଣକୁ ଆସିବା ସହ ବୈଦ୍ୟୁତିକ ଯୋଗାଯୋଗ ଠିକ୍ ନହେବା ପର୍ଯ୍ୟନ୍ତ ରେଳ ଚଳାଚଳ ବ୍ୟାହତ ରହିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

# ଇଂ.କିଶୋର ଦାସଙ୍କୁ ଅନ୍ତରାଷ୍ଟ୍ରୀୟ ସମ୍ମାନ





**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ନିଷ୍ଠାପର ବ୍ୟବସାୟିକ ପରିଚାଳନା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚୌଦ୍ୱାର ପୌରପାଳିକା ନୂଆସାହି ବାସିନ୍ଦା ଅବସରପ୍ରାପ୍ତ ଇଂ.କିଶୋର କୁମାର ଦାସଙ୍କୁ ମେରିଲ୍ୟାଣ୍ଡ ଷ୍ଟେଟ୍ ୟୁନିଭରସିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀ ଲୋଧିରୋଡ ସ୍ଥିତ ଇଣ୍ଡିଆ ହାବିଟାଟ ସେଣ୍ଟର ଠାରେ ଆୟୋଜିତ ଭାରତ ଅନ୍ତଃରାଷ୍ଟ୍ରୀୟ ବୁଦ୍ଧିଜୀବୀ ସମ୍ମିଳନୀ ୨୦୨୬ରେ ଇଂ ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଭାରତରେ ମରିସସ୍‌ର ଉଚ୍ଚାୟୁକ୍ତ ଶୈଳବାଇ ବାପୁ, ପିସ୍ ଆଣ୍ଡ ସ୍ପୋର୍ଟସ୍ କାଉନସିଲ ଅଫ ଆଫଗାନିସ୍ତାନର ପ୍ରତିନିଧି ତାନ୍‌ଜାରେ ବସିଷ୍ଠ,ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମୁଖେଶ୍ୱର ଚୁନୀ, ଦିଲ୍ଲୀ ମହିଳା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲଙ୍କ ସମେତ ରାଷ୍ଟ୍ରୀୟ ଏବଂ ଆନ୍ତରାଷ୍ଟ୍ରୀୟସ୍ତରର ବହୁ ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସଙ୍କୁ ସ୍ୱର୍ଣ୍ଣପଦକ ସହିତ ଡକ୍ଟରେଟ ମାନପତ୍ର ପ୍ରଦାନ କରିଥିଲେ ।

# ହ୍ୟୁମାନ୍ ସାଗର ମୃତ୍ୟୁ ମାମଲା:ଅର୍ପିତାଙ୍କୁ ଅନ୍ତରୀଣ ସୁରକ୍ଷା ଦେଲେ ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ନୂଆ ମୋଡ଼ । କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କୁ ଅନ୍ତରୀଣ ସୁରକ୍ଷା ଦେଲେ ହାଇକୋର୍ଟ । ଏଥିସହିତ ସୋମେଶ ଶତପଥୀଙ୍କୁ ଅନ୍ତରୀଣ ସୁରକ୍ଷା ମିଳିଛି । ଅର୍ପିତା ଓ ସୋମେଶଙ୍କ ଆଗୁଆ ଜାମିନ୍ ଆବେଦନ ଶୁଣାଣି କରି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କେସ୍ ଡାଏରୀ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ହ୍ୟୁମାନ ସାଗରଙ୍କ ମାଆ ସେଫାଳି ସୁନାଙ୍କୁ ହାଇକୋର୍ଟଙ୍କ ନୋଟିସ୍ ମଧ୍ୟ କରିଛନ୍ତି । ଆସନ୍ତା ୧୬ରେ ପରବର୍ତ୍ତୀ ଶୁଣାଣି ହେବ । ଗତ ୨୧ ତାରିଖରେ ହ୍ୟୁମାନଙ୍କ ମା' ଶେଫାଳି ସୁନା ପୁଅର ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ ମର୍କତନଗର ଥାନାରେ ଏତଲା ଦେଇଥିଲେ । ଏଥିରେ ସୋମେଶ ଶତପଥୀଙ୍କ ସମେତ ୯ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଥିଲେ । ମା' ଶେଫାଳି ହ୍ୟୁମାନଙ୍କ ମୃତ୍ୟୁର କିଛି ସନ୍ଦିଗ୍ଧ କାରଣ ମଧ୍ୟ ଦର୍ଶାଇଛନ୍ତି । ସମ୍ଭବତଃ ବିଷ ଦିଆଯିବା, ଶାରୀରିକ ଆଘାତ ପହଞ୍ଚାଇବା, ମାନସିକ ନିର୍ଯାତନା ଦେବା, ଧମକଚମକ ଦେବା, ବିଭିନ୍ନ ଚାପ ପ୍ରୟୋଗ କରିବା ଓ ଆର୍ଥିକ ସ୍ତରରେ ଲାଭବାନ ହେବାର ଉଦ୍ଦେଶ୍ୟ ରଖିବା ଯୋଗୁଁ ହ୍ୟୁମାନଙ୍କର ମୃତ୍ୟୁ ହୋଇଥିବା ନେଇ ଏତଲାରେ ଆଶଙ୍କା କରିଛନ୍ତି ମା' ଶଫାଳି । ଯେଉଁମାନଙ୍କ ନାଁରେ ଏତଲା ହୋଇଛି ସେମାନଙ୍କର ମଧ୍ୟ ସମାନ ତଥ୍ୟ ସଂଗ୍ରହ କରି ଯାଞ୍ଚ କରିବାକୁ ହ୍ୟୁମାନ୍‌ଙ୍କ ମା' ଦେଇଥିବା ଏତଲାରେ ଅନୁରୋଧ କରାଯାଇଛି । ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ଅର୍ପିତା ଓ ସୋମେଶଙ୍କ ଆଗୁଆ ଜାମିନ୍ ଆବେଦନ କରିଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଉଭୟଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ଏହି ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

# ବୈତରଣୀ ନଦୀକୂ ଧସିଲା ସୁରକ୍ଷା ବନ୍ଧ:୨ଶହ ପରିବାର ଆତଙ୍କିତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଆରଡିପୀଠ ନିକଟସ୍ଥ ମୁଁଆ ଗାଁ ନିକଟରେ ବୈତରଣୀନଦୀ କୂଳ ଲଙ୍ଘିବାରୁ ନଦୀର ସୁରକ୍ଷା ବନ୍ଧର ବଡ଼ବଡ଼ ଅତଡା ଖଣ୍ଡ ଖସିବା ସହ ୩୦ ଫୁଟରୁ ଊର୍ଦ୍ଧ୍ୱ ନଦୀବନ୍ଧ ନଦୀ ଗର୍ଭକୁ ଚାଲି ଯାଇଥିବାରୁ ନଦୀକୂଳକୁ ଲାଗିଥିବା ଶହଶହ ବର୍ଷର ବଡ଼ବଡ଼ ଗଛ ନଦୀକୁ ଚାଲିଯାଇଛି । ତାହା ସହ ନଦୀକୁ ଲାଗିକରି ଥିବା ଗାଁର ନିତିଦିନିଆ ଯାତାୟାତ ରାସ୍ତାରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ନଦୀକୂଳରେ ବସବାସ କରୁଥିବା ପ୍ରାୟ ୨ଶହ ପରିବାର ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏଥିସହ ମାଛ ଧରୁଥିବା ପରିବାରଙ୍କର ଡଙ୍ଗା ଏବେ ଅସୁରକ୍ଷିତ ଭାବେ ନଦୀକୂଳରେ ରହିଛି । ଏଥିପ୍ରତି ଜଳସମ୍ପଦ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ନଦୀବନ୍ଧ ସୁଦୃଢ କରିବାକୁ ଗାଁ ଲୋକ ଦାବି କରିଛନ୍ତି ।

# ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆମ୍ବୁଲିଅଠା ସେବା ସମବାୟ ସମିତି ଧାନମଣ୍ଡି ଖୋଲିଲା



**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ନଛିମପୁର ଗ୍ରାମପଞ୍ଚାୟତ ସ୍ଥିତ ଆମ୍ବିଳଅଠା ସେବା ସମବାୟ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଷୀ ମାନଙ୍କ ପାଇଁ ଧାନ ମଣ୍ଡି ଖୋଲା ଯାଇଛି । ବିଶେଷ କରି ଚାଷୀ ତାର ଉଚିତ୍ ମୂଲ୍ୟରେ ଧାନ ବିକ୍ରୀ କରିବା ସହିତ ଲାଭବାନ ହୋଇପାରିବେ । ଚଳିତ ୨୦୨୫/୨୬ ବର୍ଷ ଖରିଫ ଧାନ ବିକ୍ରି କରିବା ପାଇଁ ସମିତିରେ ୫୨୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ୍ ରହିଛି । ଉକ୍ତ ଧାନ ମଣ୍ଡି ନୂତନ ବର୍ଷରେ ନୂତନ ଭାବେ ଖୋଲା ହେଉଥିବାରୁ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଉପସ୍ଥିତି ରହି ପୂଜାର୍ଚ୍ଚନା କରି ବିଧିବଦ୍ଧ ଭାବେ ମଣ୍ଡିକୁ ଉଦ୍ଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୭ ଜଣ ଚାଷୀଙ୍କ ଠାରୁ ୨୧୮ କୁଇଣ୍ଟାଲ ଧାନ କିଣାଯିବ ବୋଲି ସମିତିର ସମ୍ପାଦକ ଦେବାଶିଷ ପାତ୍ର ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରାଜେଶ କୁମାର ଜେନା, ପୂର୍ବତନ ସରପଞ୍ଚ ଚିତରଞ୍ଜନ ପରିଡ଼ା, ସମିତିର ସଭାପତି ସ୍ୱରୂପ କୁମାର ନନ୍ଦୀ, ସହସମ୍ପାଦକ ବାସୁଦେବ କର, ମଣ୍ଡି ନୋଡାଲ ଅଫିସର ରବୀନ୍ଦ୍ର ସିଂ, ଭିଏଲ୍‌ଡବ୍ଲୁ ଗୋବିନ୍ଦ ମାଝୀ, ଚାଷୀ କମିଟିର ସଦସ୍ୟ ହରିନାରାୟଣ ସେନାପତି ସଦସ୍ୟ ଗୋପାଳ ଚନ୍ଦ୍ର ଜେନା, ସନ୍ତସ କୁମାର କର, ଅସିତକୁମାର ନନ୍ଦୀ, ସୂର୍ଯ୍ୟକୁମାର ଜେନା, ପ୍ରତାପ କୁମାର ଜେନା, ରାମେଶ୍ୱର ରାଜ, ଅମରକୁମାର ପାତ୍ର ସହିତ ଧାନକ୍ରୟ କମିଟିର ସମସ୍ତ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ଚାଷୀମାନଙ୍କ ପାଖରୁ ଧାନ ମପା ଯାଇଥିଲା ।

# କସୋଟୀ ପାଟରୁ ଜଳ ନିଷ୍କାସନ ଓ ଜବରଦଖଲ ଉଚ୍ଛେଦ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ଜମଧର ଗ୍ରାମ ପଞ୍ଚାୟ ର କସୋଟୀ ପାଟରୁ ଜଳ ନିଷ୍କାସନ ଓ ଚକ୍ରୋଡାରୁ ସେଣ୍ଟ ଜୋସେଫ ସ୍କୁଲ ପର୍ଯ୍ୟନ୍ତ ନୂତନ କଲଭର୍ଟ ନିର୍ମାଣ, ରେଲୱେ ପୋଲ ଠାରୁ ସେଣ୍ଟ ଜୋସେଫ ସ୍କୁଲ ପର୍ଯ୍ୟନ୍ତ ଅବରୋଧ କେନାଲର ପୁନରୁଦ୍ଧାର ଓ ଜବରଦଖଲ ଉଚ୍ଛେଦ କରିବା ପାଇଁ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ଚକ୍ରୋଡାରୁ ସେଣ୍ଟ ଜୋସେଫ ସ୍କୁଲ ପାଟନାଳୀର ନୂଆସାହି ପୋଲ ଠାରେ ଏକ କଲଭର୍ଟ ନିର୍ମାଣ କରାଗଲେ ଭଳଭଦ୍ରପୁର ଜମଧର, ଚକ୍ରୋଡା, ନୂଆସାହିର ଚାଷୀମାନେ ଖରିଫ ଋତୁ ଓ ରବି ଋତୁରେ ଚାଷକାର୍ଯ୍ୟ ସୂଚାରୁ ରୂପେ କରିପାରିବେ । ଗୁହାଳସିଂହ ମୌଜା ଦେଇ ଚକ୍ରୋଡାରୁ ସେଣ୍ଟ ଜୋସେଫ ସ୍କୁଲ ପାଟନାଳୀରେ ରେଲୱେ ପୋଲ ଠାରୁ ସ୍କୁଲ ପର୍ଯ୍ୟନ୍ତ ଲୋକମାନେ ଘର କରି ଜଳ ନିଷ୍କାସନ ପଥକୁ ଜବର ଦଖଲ କରିସାରିଲେଣି । ମରଡପୁର, ବଳଭଦ୍ରପୁର, ତରାପୁର, ମାଗୁରଗଣ୍ଡପାଟଣା, ଚକ୍ରୋଡା ମୌଜାର ଜଳ ସେହି ବାଟ ଦେଇ ନିଷ୍କାସନ ହୋଇପାରୁନାହିଁ । ସରକାରୀ ନିୟମ ଅନୁଯାଇ ଜଳ ନିଷ୍କାସନ ହେଉଥିବା ଜମି ଗୁଡିକର କିସମ ବଦଳାଇବା ପୂର୍ବରୁ ୧୦ ଫୁଟ୍ ଚଉଡା ଓ ୧୦ ଫୁଟ୍ ବଘୀରର ପୋଲ ନିର୍ମାଣ କରାଯିବା ନିୟମ ଥିଲେ ମଧ୍ୟ ଏହାକୁ କେହି ମାନୁନାହାଁନ୍ତି । ଏହି ସମସ୍ୟା ଗୁଡିକୁ ବିଚାରକୁ ନେଇ ତୁରନ୍ତ ସମାଧାନ କରାନଗଲେ ଚାଷୀ ଶ୍ରମିକ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦିଆଯାଇଛି ।



# ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**



ରାଜଧାନୀ ଉପକଣ୍ଠସ୍ଥ ଦାଡ଼ା ଗ୍ରାମ ପଞ୍ଚାୟତର କଣ୍ଟୁଣିଆ ଗ୍ରାମ ଭୋଇ ସାହିରେ ସପ୍ଲାଏ ପାଣି ପାଇପ୍ ଫାଟି ରାସ୍ତା ଉପରେ ଲହଡ଼ି ମାରୁଛି ପାଣି । ଗ୍ରାମକୁ ପାଇପ୍ ଯୋଗେ ଯୋଗାଣ ହେଉଥିବା ବିଶୁଦ୍ଧ ପାନୀୟ ଜଳର ପାଇପ୍ ଫାଟି ଯିବାରୁ ଏପରି ପରିସ୍ଥିତି ଉପୁଜିଛି । ଦୀର୍ଘ ଦିନରୁ ଗ୍ରାମର ଅନେକ ସ୍ଥାନରେ ଏପରି ସମସ୍ୟା ଦେଖାଦେଇଛି । ହେଲେ ଦୁଇଦିନହେଲା ଅବସ୍ଥା ଅତ୍ୟଧିକ ଶୋଚନୀୟ ହୋଇପଡ଼ିଛି । ରାସ୍ତା ଉପରେ ପାନୀୟ ଜଳ ଅନବରତ ନଷ୍ଟ ହେବା ସହ ରାସ୍ତାଘାଟ ପାଣି କାଦୁଅରେ ଖରାପ ହୋଇଯାଉଥିଲା । ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଶେଷରେ ବାଧ ହୋଇ ଗ୍ରାମବାସୀ ନିଜସ୍ୱ ଅର୍ଥ ଖର୍ଚ୍ଚ କରି ପାଇପ୍ ମରାମତି କରିଛନ୍ତି । ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ସମନ୍ୱୟା ତ୍ରୀପାଠୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ ।

# ଅବକାରୀ ବିଭାଗ ପକ୍ଷରୁ ହେରୋଇନ୍ ଜବତ ମହିଳା ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ମାର୍କଣ୍ଡପୁର ଗ୍ରାମରେ ଚଢ଼ଉ କରି ମହିଳା ଟୁନି ଭୋଇଙ୍କ ଠାରୁ ୮୨ ଗ୍ରାମ ହେରୋଇନ ଜବତ କରିବା ସହିତ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଅବକାରୀ ଅଧିକାରୀ ପ୍ରଭାସ କୁମାର ଚୌଧୁରୀ, ଭାଗ୍ୟଲକ୍ଷ୍ମୀ ଦଳାଇ, ଦୀନବନ୍ଧୁ ସେଠି, ଜୟଦେବ ପାତ୍ର, ଅନୁରାଗ ସୂର୍ଯ୍ୟବଂଶୀ, ବର୍ଷା ରାଣୀ ଖୁଣ୍ଟିଆ, ସୁଭଦର୍ଶନୀ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଦେଶି ମଦ ଚାଲାଣ ବେଳେ ଚଢଉ:୨ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଚଢଉ କରି ୨ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଭାଲୁଗୁଡା ଗ୍ରାମର ଘାସି ପରଜା ଓ ସୁଣ୍ଢିଗୁଡାର ବଳ ପାଇକ । ସୂଚନା ଅନୁଯାଇ ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଭାଲୁଗୁଡା ଓ ସୁଣ୍ଢିଗୁଡାରେ ଚଢଉ କରିଛି । ଚଢଉ କରି ୨୬ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତକୁ ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରଣ ସୂଚନା ଦେଇଛନ୍ତି ।



# ମିଞ୍ଚିନିପାଟଣା ଡାକଘର ଉଠାଇବା ପ୍ରତିବାଦରେ ପ୍ରତିନିଧି ଭେଟିଲେ ବିଜେପି ସଭାପତିଙ୍କୁ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**


ମିଞ୍ଚିନି ପାଟଣା ଡାକଘର ଉଠିଯିବ ବୋଲି ମୁଖ୍ୟ ଡାକଘର ବ୍ରହ୍ମପୁର ଚିଠିପହଞ୍ଚିଲା ପରେ ସ୍ଥାନୀୟ ୪୦୦୦ ହଜାର ଖାତାଧାରୀ ବିଭିନ୍ନ ଅଫିସକୁ ଜଣାଇଲା ପରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ନେତା ମହେଶ ଚନ୍ଦ୍ର ମହାନ୍ତିଙ୍କ ଜରିଆରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଯେହେତୁ ସେଠିକାର ସ୍ଥାନୀୟ ଖାତାଧାରୀ ବୁଢା ଓ ବୁଢ଼ୀ ଓ ଅନ୍ୟାନ୍ୟ ବିକଳାଙ୍ଗ ମାନେ ବହୁଦୂର ଯିବାକୁ ଅକ୍ଷମ ତେଣୁ ଯେଉଁଠି ଡାକଘର ଅଛି ସେଠି ରଖାଯାଉ ବୋଲି ୧୦୦୦ ଜଣ ସାକ୍ଷର କରି ଜଣାଇଥିଲେ । ସଭାପତି ହୃଦୟଙ୍ଗମ କରି କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇ ସେଠାରେ ପୁନଃ ଡାକଘର ରହିବ ବୋଲି କଥା ଦେଇଥିଲେ । ଏହା ପୂର୍ବରୁ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ମଧ୍ୟ ଦାବିପତ୍ର ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମିଂଚିନୀପାଟଣା ବୁଦ୍ଧିଜୀବୀ, ଜ୍ଞାନୀ ଓ ଗୁଣି ହେଲେ ଲକ୍ଷ୍ମଣ ପାତ୍ର, ତାରିଣୀ ପାତ୍ର, ଭାସ୍କର ପାତ୍ର, ଲୋକା ପାତ୍ର, ରବୀନ୍ଦ୍ର ଗୌଡ଼, ଇନ୍ଦ୍ରମଣି ଜେନା, ଗୋବିନ୍ଦ ପାତ୍ର, ବାନାମ୍ବର ସେଠ ଓ ପଙ୍କଜ ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୧୫।୧।୨୦୨୬, ମାଘ ଦି୨ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୪୧ ଚନ୍ଦ୍ରୋଦୟ- ରାଘ ୪।୨୧।୫୩**


ଦ୍ୱାଦଶୀ ରାଘ ୮।୧୭ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର-** ସଂଘ ୫।୪୯ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ସଂଘ ୫।୪୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର । ସଂଘ ୫।୪୯ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସଂଘ ୫।୪୯ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁର ଡାଲି ରାଘ ୮।୧୭ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୬ ମଧ୍ୟେ । ଦିଘ ୧୨।୫୧ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ଭାରତୀୟ ସେନା ଦିବସ ।




**ମେଷ:** ବ୍ୟବସାୟ ଆପଣଙ୍କର କ୍ଷତିରେ ଚାଲିବ । ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଶୁଭ ଖବର ପାଇ ଆନନ୍ଦିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ ।



**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ନୂତନ କାର୍ଯ୍ୟମାନ ହାତକୁ ନେବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଶତ୍ରୁମାନେ ନାଶ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଦେବ ଦର୍ଶନ ମଧ୍ୟ କରିପାରନ୍ତି ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ କରିପାରନ୍ତି । ହଠାତ୍ ଧନ ଲାଭର ଆଶା । ଘରେ ଆନନ୍ଦ ଦେଖାଦେବ ।




**ସିଂହ:** ବ୍ୟବସାୟରେ କ୍ଷତିର ସମ୍ଭାବନା । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ ।



**କନ୍ୟା:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଦେହ ଓ ମନ ଭଲ ରହିବ । ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି । ରୋଜଗାର ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ ।




**ତୁଳା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ଶୁଭ ଖବର ପାଇ ଆନନ୍ଦିତ ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଅଶାନ୍ତି ଦେଖାଦେବ ।




**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ ଅତିବାହିତ ହେବ । ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରରେ ଉନ୍ନତି ଦେଖାଦେବ । ପାରିବାରିକ ସୁଖଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ଧନୁ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ । କୁ-ଭୋଜନ କରି ଉଦର ପୀଡ଼ା ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଶାନ୍ତି ।



**ମକର:** ସମସ୍ତ କ୍ଷେତ୍ରରେ ସମ୍ମାନିତ ହେବେ । ଯଶସ୍ୱୀ ହେବେ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ଆୟ ଓ ବ୍ୟୟର ପିରମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**କୁମ୍ଭ:** ଦେହ ଭଲ ରହିବ । କର୍ମକ୍ଷେତ୍ରରେ ସାମାନ୍ୟ ତିକ୍ତତା ଦେଖାଦେବ । ଖର୍ଚ୍ଚର ପରିମାଣ ସାମାନ୍ୟ ବଢ଼ିବ । ପାରିବାରିକ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ପଛେଇଯିବେ ।



**ମୀନ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମଧ୍ୟ ଯୋଗ ଦେବେ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୧।୨୦୨୬, ମାଘ ଦି୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୪୩ ଚନ୍ଦ୍ରୋଦୟ- ପ୍ରାଘ ୬।୦୭।୨୧**

ତ୍ରୟୋଦଶୀ ରାଘ ୧୦।୨୫ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ଅହୋରାତ୍ର । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦।୨୫ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୧୩ ମଧ୍ୟେ । ଦିଘ ୧୨।୧୯ ଗତେ ଦିଘ ୨।୩୦ ମଧ୍ୟେ । **ପର୍ବୋତ୍ସବ-** ଶିବ ପ୍ରଦୋଷ ବ୍ରତ, ସୋ-ବେ-ମେରାଜ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ନିଟ୍ ପିଜିର ହ୍ରାସ ପାଇଲା ନୂଆ କଟଅଫ୍

ଦେଶରେ ମେଡିକାଲ ପିଜି କୋର୍ସରେ ଖାଲି ପଡିଛି ହଜାର ହଜାର ସିଟ୍। ଏହାକୁ ଭରିବା ପାଇଁ ନ୍ୟାସନାଲ ବୋର୍ଡ ଅଫ୍ ଏଗଜାମିନେସନ୍ ଇନ୍ ମେଡିକାଲ ସାଇନ୍ସ (ଏନବିଇଏମ୍ଏସ୍) ନିଟ୍ ପିଜି ୨୦୨୫ ପାଇଁ କ୍ୱାଲିଫାଇଂ କଟ୍ଅଫ୍‌କୁ ହ୍ରାସ କରି ଖୁବ୍ କମ୍ କରିଦେଇଛି। ସଂଶୋଧିତ ମାନଦଣ୍ଡ ଅନୁସାରେ, ଏବେ ସାଧାରଣ ବର୍ଗ ଓ ଇଡବ୍ଲ୍ୟୁଏସ୍ ପ୍ରାର୍ଥୀଙ୍କ ପାଇଁ କ୍ୱାଲିଫାଇଂ ୫୦ପର୍ସେଣ୍ଟାଇଲକୁ କମ୍ କରି ୭ ପର୍ସେଣ୍ଟାଇଲ୍ କରି ଦିଆଯାଇଛି। ଏଭଳି ଭାବରେ ଏସସି, ଏସଟି ଓ ଓବିସି ପ୍ରାର୍ଥୀଙ୍କ ପାଇଁ ପର୍ସେଣ୍ଟାଇଲ ୪୦ରୁ ହ୍ରାସ କରି ଶୂନ୍ୟ (ଜିରୋ) କରି ଦିଆଯାଇଛି। ବେଞ୍ଚମାର୍କ ବିକଳାଙ୍ଗତା ଥିବା ଜେନେରାଲ କାଟାଗୋରୀ( ପିଡବ୍ଲୁବିଡି) ପାଇଁ ୪୫ରୁ ହ୍ରାସ କରି ୫ ପର୍ସେଣ୍ଟାଇଲ୍ କରି ଦିଆଯାଇଛି। ଉଲ୍ଲେଖନୀୟ ଯେ, ନିଟ୍ ପିଜି ୨୦୨୫ କାଉନସେଲିଂର ଦୁଇ ରାଉଣ୍ଡ ହେବାପରେ ସରକାରୀ ଓ ପ୍ରାଇଭେଟ୍ ମେଡିକାଲ କଲେଜରେ ୧୮୦୦୦ରୁ ଅଧିକ ପିଜି ସିଟ୍ ଖାଲି ହୋଇଯାଇଛି। ରିଜର୍ଭ କାଟାଗୋରୀର ପ୍ରାର୍ଥୀଙ୍କ ପାଇଁ କ୍ୱାଲିଫାଇଂ ପର୍ସେଣ୍ଟାଇଲକୁ ହ୍ରାସ କରି ଜିରୋ କରି ଦିଆଯାଇଛି। ଏହି ନିଷ୍ପତ୍ତି ପରେ ନିଟ୍ ପିଜି ୨୦୨୫ ରେ ୮୦୦ ରୁ ମାଇନସ୍ ୪୦ ପଏଣ୍ଟ ଆଣୁଥିବା ପ୍ରାର୍ଥୀ ମଧ୍ୟ ପୋଷ୍ଟ ଗ୍ରାଜୁଏସନ୍ ମେଡିକାଲ କୋର୍ସ ଏମଡି ଓ ଏମ୍ଏସ୍‌ରେ ଆଡମିସନ୍ ପାଇଁ ଚାଲିଥିବା କାଉନସେଲିଂ ପକ୍ରିୟାର ତୃତୀୟ ରାଉଣ୍ଡରେ ଭାଗ ନେଇ ପାରିବ ଓ ଦାଖଲ କରିପାରିବ। କଟଅଫ୍ ସ୍କୋର ୨୩୫କୁ ହ୍ରାସ କରି ମାଇନସ୍ ୪୦ ସ୍କୋର କରି ଦିଆଯାଇଛି। ଏହି କାଟର ଅର୍ଥ ରିଜର୍ଭ କାଟାଗୋରିର ସବୁ ପ୍ରାର୍ଥୀ ଯେଉଁମାନେ ନିଟ୍ ପିଜି ୨୦୨୫ର ପରୀକ୍ଷା ଦେଇଛନ୍ତି, ସେମାନେ ଏବେ ଏହି ନିଷ୍ପତ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦେଶରେ ନେଇପାରିବେ। ସରକାର ଜାନୁଆରୀରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଏନବିଇଏମ୍ଏସ୍ ଏ ବିଷୟରେ ରିପୋର୍ଟ ତଲବ କରିଥିଲା। ଏହାପରେ ଏବେ ତୃତୀୟ ରାଉଣ୍ଡରେ କଟ୍ ଅଫ୍ ହ୍ରାସ କରିବାର ନିଷ୍ପତ୍ତି ନିଆଯାଇଛି। ସଂଶୋଧିତ ମାନକ ଅନୁସାରେ, ସାମାନ୍ୟ ଓ ଇଡବ୍ଲୁଏସ୍ ପ୍ରାର୍ଥୀଙ୍କ ପାଇଁ ୮୦୦ ସ୍କୋର କରିବା ପୂର୍ବରୁ ନିର୍ଦ୍ଧାରିତ କ୍ୱାଲିଫାଇଂ ସ୍କୋର ୨୭୬ ଥିଲା। ଏହାକୁ ହ୍ରାସ କରି ୧୦୩ କରି ଦିଆଯାଇଛି। ସେଭଳି କଟ୍ ଅଫ୍ ୫୦% ପର୍ସେଣ୍ଟାଇଲକୁ ହ୍ରାସ କରି ମାତ୍ର ୭ ପର୍ସେଣ୍ଟାଇଲ କରି ଦିଆଯାଇଛି। ଜେନେରାଲ ଇଡବ୍ଲୁଡି ଶ୍ରେଣୀର ପ୍ରାର୍ଥୀଙ୍କୁ କଟ୍ ଅଫ୍ ୪୫ ପର୍ସେଣ୍ଟାଇଲ ତୁଳନାରେ ମାତ୍ର ୫ ପର୍ସେଣ୍ଟାଇଲ୍ କରି ଦିଆଯାଇଛି। କ୍ୱାଲିଫାଇଂ ସ୍କୋର ମଧ୍ୟ ୨୫୫ ସ୍କୋରକୁ ହ୍ରାସ କରି ୯୦ କରି ଦିଆଯାଇଛି। ଏହି ନିଷ୍ପତ୍ତିକୁ ମେଡିକାଲ ଦୁନିଆରେ ନିନ୍ଦା କରାଯାଉଛି। ଏହା ମେଡିକାଲ ଶିକ୍ଷାରେ ଏକାଡେମିକ୍ ଷ୍ଟାଣ୍ଡାର୍ଡକୁ ଚିନ୍ତାଜନକ ଭାବରେ ହ୍ରାସ କରୁଛି ବୋଲି କୁହାଯାଉଛି।

# ପାରମ୍ପରିକ ପ୍ରଥା ମକର ସଂକ୍ରାନ୍ତି ବା ପୋଙ୍ଗଲ



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୦୫; ଭୁବନେଶ୍ୱର
ଫୋନ୍ -
୮୨୪୯୬୫୦୪୧୪

ଆମ ଦେଶ ଭାରତ ବର୍ଷ ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ,ଐତିହ୍ୟ, ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ଏବଂ ସାଧୁସନ୍ଥଙ୍କ ଦେଶ । ଆମ ପର୍ବପର୍ବାଣୀଗୁଡିକ ଆମ ଜୀବନ ଏବଂ ସଂସ୍କୃତି ସହିତ ଓତଃପ୍ରୋତ ଭାବରେ ଜଡିତ। ଏହି ପର୍ବପର୍ବାଣୀଗୁଡିକ ମଧ୍ୟରୁ ଏମିତି କିଛି ପର୍ବ ଅଛି ଯାହା ସାରା ଭାରତବର୍ଷରେ ଆନନ୍ଦ ଓ ଉଲ୍ଲାସର ସହିତ ପାଳିତ ହୁଏ । ଆମେ ଭାରତବାସୀ ବାରମାସରେ ବାରଟି ସଂକ୍ରାନ୍ତି ପାଳନ କରିଥାଉ । ତନ୍ମଧ୍ୟରୁ ମକର ସଂକ୍ରାନ୍ତି ଅନ୍ୟତମ ଏବଂ ଏହି ପର୍ବର ଏକ ବିଶେଷତ୍ୱ ହେଲା ଯେ, ଏହି ସଂକ୍ରାନ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ସ୍ଥିରୀକୃତ ହୋଇଛି । ଏବଂ ସେହି ତାରିଖଟି ହେଲା ପ୍ରତିବର୍ଷ ଜାନୁଆରୀ ମାସ ୧୪ ତାରିଖ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହିଦିନ ସୂର୍ଯ୍ୟଦେବ ଧନୁରାଶି ଛାଡି ମକର ରାଶିରେ ପ୍ରବେଶ କରନ୍ତି ଏବଂ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ବିଶ୍ୱାସ କରାଯାଏ ଯେ, ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବ ସଂକ୍ରାନ୍ତି ଦିନ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଚଳନ କରନ୍ତି । ଫଳରେ କ୍ରମଶଃ ଦିନ ବଡହୁଏ ଏବଂ ରାତି ମଧ୍ୟ ଛୋଟ ହେବାକୁ ଲାଗେ । ତେଣୁ ଓଡ଼ିଆରେ ଗୋଟିଏ ଢଗ ଅଛି ; 'ମକର, ଦିନ ହେଲା ବକର ।'

ମକର ସଂକ୍ରାନ୍ତିରେ ସୂର୍ଯ୍ୟଦେବ ମକର ରାଶିରେ ପ୍ରବେଶ କରନ୍ତି । ତେଣୁ ଏହି ସଂକ୍ରାନ୍ତିକୁ ମକର ସଂକ୍ରାନ୍ତି କୁହାଯାଏ । ମକର ସଂକ୍ରାନ୍ତିକୁ ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ନାମ ଦିଆଯାଇଛି । ଯଥା-ପଞ୍ଜାବରେ ଲୋହଡି, ଉତ୍ତର ପ୍ରଦେଶରେ କିଚଡି ପର୍ବ, ଗୁଜରାଟରେ ଉତ୍ତରାୟଣ ଏବଂ ଦକ୍ଷିଣ ଭାରତରେ ଏହାକୁ ପୋଙ୍ଗଲ କୁହାଯାଏ ।

ପୌରାଣିକ କଥାବସ୍ତୁ ଅନୁସାରେ ଏହା ବିଶ୍ୱାସ କରାଯାଏ ଯେ, ସୂର୍ଯ୍ୟଦେବ ନିଜ ପୁତ୍ର ଶନିଦେବଙ୍କୁ ଏହିଦିନ ସାକ୍ଷାତ କରନ୍ତି । ଶନିଦେବଙ୍କୁ ମକର ରାଶିର ଦେବତା ବୋଲି କୁହାଯାଏ । ଭୌଗୋଳିକ କାରଣ ଅନୁସାରେ ପୃଥିବୀ ସୂର୍ଯ୍ୟଙ୍କ ଚାରିପଟେ ଭ୍ରମଣ ହେତୁ ଏହିଦିନ ସୂର୍ଯ୍ୟଦେବ ମକର ସଂକ୍ରାନ୍ତିରେ ଅବସ୍ଥାନ କରନ୍ତି । ଏହି ଦିନରୁ ଶୁଷ୍କ ନିରସ ଶୀତଋତୁର ପ୍ରଭାବ କମିକମି ଆସେ ଏବଂ ସୌନ୍ଦର୍ଯ୍ୟମୟୀ ବସନ୍ତର ଆଗମନ ହୋଇଥାଏ। ବସନ୍ତ ଋତୁକୁ ପୁଣିଥରେ ଫେରିପାଇବାର ଆଶାରେ ହସିଉଠେ ଧରଣୀ ରାଣୀ ଓ ଅଜାଡିଦିଏ ନିଜ ବକ୍ଷରେ ଧରି ରଖିଥିବା ଶସ୍ୟଗୁଡିକୁ । ନୂଆ ଶସ୍ୟ ଉତ୍ପାଦନ କରି କୃଷକ ଓ ତାଙ୍କ ପରିବାରବର୍ଗ ଏହି ପର୍ବରେ ବହୁତ ଆନନ୍ଦିତ ହୁଅନ୍ତି । ଏହି ପର୍ବକୁ ସେଥିପାଇଁ ଫସଲ ଉତ୍ପାଦନର ପର୍ବ ବୋଲି କୁହାଯାଏ । ଗୁଜୁରାରେ ଏହାକୁ ଗୁଡି ଉଡା ଦିବସ ବୋଲି ମଧ୍ୟ କୁହାଯାଏ। ଉତ୍ତରାୟଣ ଦିନ ପରିବାରର ଲୋକେ ନିଜ ନିଜ ଛାତ ଉପରେ କିମ୍ବା ଖୋଲା ପଡିଆରେ ଗୁଡି ଉଡାଇଥାଆନ୍ତି । ଗୁଜୁରାଟର ବହୁ ସ୍ଥାନରେ ଗୁଡ଼ିଉଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଅହମ୍ମଦାବାଦରେ ଆନ୍ତର୍ଜାତିକ ଗୁଡ଼ିଉଡ଼ା ପ୍ରତିଯୋଗିତା ୧୯୮୯ ମସିହାରୁ କରାଯାଇ ଆସୁଅଛି । ଏହି ପ୍ରତିଯୋଗିତା ତିନି ଚାରିଦିନ ଧରି ପାଳିତ ହୁଏ । ଏହି ଦିନଗୁଡ଼ିକରେ ସେଠାରେ ଗୋଟେ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରାଯାଏ । ଏହାକୁ ପୋଙ୍ଗଲ କୁହାଯାଏ ।

ଓଡ଼ିଶାରେ ମଧ୍ୟ ମକର ସଂକ୍ରାନ୍ତିକୁ ଅତି ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥାଏ। ଏହିଦିନ ସୂର୍ଯ୍ୟଙ୍କୁ ବିଶେଷ ଭାବରେ ଆରାଧନା କରାଯାଏ । ଓଡ଼ିଶାର ଘରେ ଘରେ ଏହିଦିନ ଅମଳ ହୋଇଥିବା ଚାଉଳକୁ ଗୁଡ଼, ନଡ଼ିଆ, କଦଳୀ, ଅଦା, ଗୋଲମରିଚ ଇତ୍ୟାଦି ଉପଯୋଗକରି ମକର ଚାଉଳ ପ୍ରସ୍ତୁତ କରାଯାଏ। ମକର ଚାଉଳ ଠାକୁରଙ୍କ ପାଖରେ ଭୋଗ ଲାଗି କରାଯାଏ। କୃଷିଭିତ୍ତିକ ଏହି ପର୍ବରେ ଚାଷୀଭାଇ ନିଜର ନୂଆ ଅମଳ ହୋଇଥିବା ଫସଲର ସ୍ୱାଦରେ ବିଭୋର ହୋଇଉଠେ । ସାଙ୍ଗମାନେ ଏହିଦିନ ପରସ୍ପରକୁ ମକର ଚାଉଳ ଖୁଆଇ ନିଜ ବନ୍ଧୁତ୍ୱର ସମ୍ପର୍କକୁ ସୁଦୃଢ କରିଥାଆନ୍ତି । ବିଭିନ୍ନ ସ୍ଥାନରେ ମକର ମେଳା ଓ ଯାତ୍ରା ଆୟୋଜିତ ହୁଏ ଏବଂ ଗ୍ରାମବାସୀ ଆନନ୍ଦର ସହିତ ମେଳାରେ ସାମିଲ ହୁଅନ୍ତି । ଏହା ସାମାଜିକ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହିତ ନିଜନିଜ ଭିତରେ ସୌହାର୍ଦ୍ଦ୍ୟ ଏବଂ ଭଲପାଇବା ଆଣିଦିଏ । ଏହି କୃଷିଭିତ୍ତିକ ପର୍ବ ନୂତନ ଫସଲ ଅମଳ ପରେ ଚାଷୀମାନଙ୍କୁ ହର୍ଷ ଉଲ୍ଲାସର ସହିତ ଆନନ୍ଦ ଉପଭୋଗ କରିବାର ଅବସର ଆଣିଦିଏ ।

ପୋଙ୍ଗଲର ପୂର୍ବ ଦିନକୁ 'ବୋଗି ପୋଙ୍ଗଲ' କୁହାଯାଏ । ଏହିଦିନ ନୂଆ ଅରୁଆ ଚାଉଳରୁ ତିଆରି ଚିତଉରେ ଘରେଘରେ ଚିତା ପଡେ । ଏହାକୁ 'କୋଲମ' କୁହାଯାଏ । ଏହାର ପରଦିନଟି ହେଉଛି ପ୍ରକୃତରେ ପୋଙ୍ଗଲ । ଏହିଦିନ ପ୍ରାୟ ସମସ୍ତଙ୍କ ଘରେ ଶର୍କରାର ପୋଙ୍ଗଲ ତିଆରି ହୁଏ। ଏହା ଏକ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ। ଏହି ଶର୍କରାର ପୋଙ୍ଗଲ ଏକ ମାଟି ହାଣ୍ଡିରେ କ୍ଷୀର, ନୂଆ ଧାନର ଚାଉଳ, ଗୁଡ଼ ଓ ମସଲା ପଡି ପ୍ରସ୍ତୁତ ହୋଇଥାଏ। ତୃତୀୟ ଦିନକୁ 'ମାଟ୍ଟୁ ପୋଙ୍ଗଲ' କୁହାଯାଏ । ଏହିଦିନ ଗାଈଗୋରୁଙ୍କୁ ଗାଧୋଇଦେଇ ମୁଣ୍ଡରେ ସିନ୍ଦୁର ଓ ବେକରେ ଫୁଲମାଳ ପକାଇ ସେମାନଙ୍କୁ ଖୁଆଇପିଆଇ ତାଙ୍କର ପୂଜା କରାଯାଏ । ମନୋରଞ୍ଜନ ପାଇଁ ସ୍ଥାନେସ୍ଥାନେ ବଳଦ ଓ ଶଗଡ଼ ଗାଡ଼ିର ଦୌଡ଼ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଏ। ଏହିଦିନ ସଂଧ୍ୟା ସମୟରେ ଗ୍ରାମର ସ୍ତ୍ରୀ ଲୋକମାନେ ଗାଁ ଠାକୁରାଣୀଙ୍କ ମନ୍ଦିରକୁ ଯାଇ ସେଠାରେ ପୂଜା କରନ୍ତି । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ଗମନ ହୁଏ ସେମାନେ ବିଷ୍ଣୁଲୋକ ପ୍ରାପ୍ତ ହୁଅନ୍ତି ବୋଲି ପ୍ରବାଦ ରହିଛି । ପିତାମହ ଭୀଷ୍ମଙ୍କୁ ଇଚ୍ଛାମୃତ୍ୟୁ ବରଦାନ ମିଳିଥିଲା । ଏବଂ ସେ ଶର ଶଯ୍ୟାରେ ଥାଇମଧ୍ୟ ଦେହ ତ୍ୟାଗ କରିନଥିଲେ । ଯେତେବେଳେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗମନ ହେଲା ସେହି ସମୟରେ ପିତାମହ ନିଜ ଶରୀର ତ୍ୟାଗ କରିଥିଲେ । ମକର ସଂକ୍ରାନ୍ତିଦିନ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଫଳରେ ଆଲୋକ ଓ ଜୀବନର ଉତ୍ସ ସୂର୍ଯ୍ୟଙ୍କୁ ଏବଂ ଭଗବାନ ମହାଦେବଙ୍କୁ ବିଶେଷ ଭାବରେ ପୂଜା କରାଯାଏ । ଏହିଦିନ ନଦୀରେ ସ୍ନାନକରି ସୂର୍ଯ୍ୟଙ୍କୁ ଜଳ ଅର୍ଘ୍ୟ ଦାନ ପୂର୍ବକ ଦର୍ଶନକଲେ ସକଳ ପାପ କ୍ଷୟ ଘଟେ। ମକର ସଂକ୍ରାନ୍ତିଦିନ ପ୍ରସିଦ୍ଧ ଗଙ୍ଗାସାଗରରେ ଏକ ବିରାଟ ମେଳା ଅନୁଷ୍ଠିତ ହୁଏ । ଭଗୀରଥ ନିଜ ବଂଶଧରମାନଙ୍କୁ ଉଦ୍ଧାର କରିବାପାଇଁ ଏହିଦିନ ମା' ଗଙ୍ଗାଦେବୀଙ୍କୁ ଆରାଧନାକରି ଧରାପୃଷ୍ଠକୁ ଆଣିଥିଲେ । କପିଳ ମୁନିଙ୍କ ଆଶ୍ରମ ପାରିହୋଇ ଗଙ୍ଗା ସାଗରରେ ମିଶିଥିଲେ। ଭଗୀରଥ ଗଙ୍ଗାରେ ତର୍ପଣକରି ନିଜ ବଂଶଜଙ୍କୁ ମୁକ୍ତ କରିଥିଲେ । ପୂଣ୍ୟଫଳ ପ୍ରାପ୍ତି ନିମନ୍ତେ ଏହିଦିନ ଗଙ୍ଗାରେ ବୁଡ଼ ପକାଯାଏ । ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଉତ୍ତରାୟଣ ଯାତ୍ରା ବା ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୁଏ। ଏହି ଯାତ୍ରା ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛିଯେ, ମକରଦିନ ଶ୍ରୀକ୍ଷେତ୍ର ଅନ୍ତର୍ଗତ ତୀର୍ଥରାଜ ମହୋଦଧିରେ ସ୍ନାନକରି ଶ୍ରୀମନ୍ଦିରର କଳ୍ପବଟ ପ୍ରଦକ୍ଷିଣ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକଲେ ଅଶେଷ ଫଳମିଳେ । ମକର ସଂକ୍ରାନ୍ତିକୁ ଶାସ୍ତ୍ରରେ 'ତିଳ ସଂକ୍ରାନ୍ତି' କୁହାଯାଏ । ଏହିଦିନ ତିଳ ବା ରାଶିର ବିଶେଷ ମହତ୍ତ୍ୱ ରହିଥିବାରୁ ଏହାକୁ ତିଳ ସଂକ୍ରାନ୍ତି କୁହାଯାଏ । ତିଳରେ ପ୍ରସ୍ତୁତ ଖାଦ୍ୟ ବ୍ରାହ୍ମଣମାନଙ୍କୁ ଏହିଦିନ ଦାନକଲେ ଅତ୍ୟନ୍ତ ଶୁଭଫଳ ମିଳେ । ଗ୍ରହରାଜ ଶନିଦେବ ନିଜ କ୍ରୋଧିତ ପିତା ସୂର୍ଯ୍ୟଦେବଙ୍କୁ ଶାନ୍ତ କରିବାପାଇଁ ରାଶିରେ ପ୍ରସ୍ତୁତ ଭୋଗ ଲାଗି କରିଥିଲେ ଓ ସନ୍ତୁଷ୍ଟ ହୋଇ ସୂର୍ଯ୍ୟଦେବ ଶନିଦେବଙ୍କୁ ବରଦାନ ଦେଇଥିଲେ । ଏହିଦିନ ତିଳ ଦାନକଲେ ଶନିଦଶା ମଧ୍ୟ କଟିଯାଇଥାଏ । ମକର ସଂକ୍ରାନ୍ତିକୁ ଖେଚୁଡ଼ି ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ ।

# ଜାତିସଂଘର ପ୍ରାସଙ୍ଗିକତା ହ୍ରାସ ପାଉଛି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଅତି ଲଜ୍ୟାହୀନ ଏବଂ ବେଆଇନ ଭାବେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାର ସ୍ୱତନ୍ତ୍ର ସେନାବାହିନୀ ଅପହରଣ କରି କଏଦୀ ଭାବେ ହାତକଡି ପକାଇ ଗିରଫ କରିବା ଘଟଣାକୁ ଜାତିସଂଘର ନିରାପତା ପରିଷଦ (ୟୁଏନଏସସି)ର ଅତ୍ୟନ୍ତ କଠୋର ଭାଷାରେ ନିନ୍ଦା ପ୍ରସ୍ତାବର କୌଣସି ପ୍ରଭାବ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଉପରେ ପଡିନାହିଁ ବରଂ ଟ୍ରମ୍ପ ଆହୁରି ପ୍ରତିକ୍ରୀୟାଶୀଳ ହୋଇ ସିରିଆରେ ଆତଙ୍କବାଦୀ ସଂଗଠନ ଆଇଏସଆଇଏସର ଶିବିର ଉପରେ ଚଢାଉ ଆକରେ ଆକାଶମାର୍ଗରୁ ଆଖିବୁଜା ବୋମାମାଡ କରିଥିବାବେଳେ ଗ୍ରୀନଲାଣ୍ଡ, ମେକ୍ସିକୋ, କଲମ୍ବିଆ, ଇରାନ ଉପରେ ଆକ୍ରମଣପାଇଁ ଧମକ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାନୁଷ୍ଠାନ ଆନ୍ତର୍ଜାତିକ ଆଇନର ଖୋଲା ଉଲଂଘନ ବୋଲି ୟୁଏନଏସସିର ସଦସ୍ୟମାନେ ମତ ଦେଇଛନ୍ତି। ମାତ୍ର ନିରାପତ୍ତା ପରିଷଦର କୌଣସି ଶବ୍ଦ ପ୍ରଭାବ ପକାଇନଥିବାବେଳେ ଆମେରିକୀୟ ସେନାବାହିନୀର ନୃଶଂସତା ବଢିଚାଲିଛି। ଯାହାକି ଜାତିସଂଘ ଓ ଆନ୍ତର୍ଜାତିକ ଆଇନ ପ୍ରତି ଆମେରିକାର ହେୟଜ୍ଞାନ କହିଲେ ଅତିରଞ୍ଜିତ ହେବ ନାହିଁ। କହିବା ବାହୁଲ୍ୟ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି, ସଦ୍‌ଭାବ, ଏକତା, ଭାତୃଭାବ, ଆଣବିକ ନିରସ୍ତ୍ରୀକରଣ ଏବଂ ଯୁଦ୍ଧ ମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟ ନେଇ ମିଳିତ ଜାତିସଂଘ (ୟୁନାଇଟେଡ ନେସନସ୍ ଗଠନ କରାଯାଇଥିଲା। ମାତ୍ର ଗତ କିଛି ଦଶନ୍ଧି ଧରି ଜାତିସଂଘ ତା'ର ଗାରିମା ହରାଇଥିବା ଲକ୍ଷ୍ୟ କରାଯାଏ। ଗୋଟିଏ ପଟେ ଆଣବିକ ଯୁଦ୍ଧାସ୍ତ୍ର ବିକଶିତ କାର୍ଯ୍ୟକ୍ରମ ବଢିଚାଲିଥିବାବେଳେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବିଦ୍ୱେଷ ଭାବ ବଢିଚାଲିଛି। ନିକଟ ଅତୀତରେ ରୁଷ-ୟୁକ୍ରେନ, ଇସ୍ରାଏଲ-ହମାସ, ପଶ୍ଚିମ ଏସିଆରେ ଉତ୍ତେଜନା ଆଦି ରୋକିବାରେ ଜାତିସଂଘ ନିରାପତ୍ତା ପରିଷଦ ବିଫଳ ହୋଇଛି। ଭିଟୋ କ୍ଷମତାଧାରୀ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟଙ୍କ 'ଭିଟୋ' ପ୍ରୟୋଗ ଯୋଗୁଁ ନିନ୍ଦା ପ୍ରସ୍ତାବ ଗୃହିତ ହୋଇନାହିଁ। ପ୍ରତି କ୍ଷେତ୍ରରେ ଜାତିସଂଘ ବିଫଳତାର ପ୍ରତୀକ ଭାବେ ଉଭା ହୋଇଥିବାବେଳେ ଅନ୍ୟପଟେ ବିଶ୍ୱରେ ଜୋରଯାର ମୂଳକ ତା'ର ଆଭିମୁଖ୍ୟରେ ପୁନଃ ଆବିର୍ଭାବ ଘଟିଥିବା କୁହାଯାଇପାରେ। ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମ୍ପ୍ରତିକ କାର୍ଯ୍ୟକଳାପ ଏହାର ଜ୍ୱଳନ୍ତ ଉଦାହରଣ। ଏହା ନିସନ୍ଦେହ ଯେ, ଗଲା କିଛି ଦଶନ୍ଧି ଧରି ଜାତିସଂଘ ଶଯ୍ୟାଶାୟୀ ହୋଇପଡିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସର୍ବସମ୍ମତ କ୍ରମେ ଗଢି ଉଠିଥିବା ଜାତିସଂଘ ଏବେ ଏକ ବିଭାଜିତ ମତ ସଂସ୍ଥାରେ ପରିଣତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆନ୍ତର୍ଜାତିକ ଆଇନ ଉଲ୍ଲଂଘନ କରିବାରେ ଆମେରିକା ହେଉଛି ସବୁଠୁ ବଡ ଅପରାଧି ରାଷ୍ଟ୍ର। ତଥାପି ଜାତିସଂଘ ଗଠିତ ହେବାର ପ୍ରଥମାବସ୍ଥାରେ ବହୁ ଯୁଦ୍ଧ ବନ୍ଦ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। ୧୯୫୬ ମସିହାରେ ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକାର ଭିଟୋ ସତ୍ତ୍ୱେ ସୁଏଦ ଯୁଦ୍ଧର ଅବସାନ ପାଇଁ ଗୃହିତ ଏକ ପ୍ରସ୍ତାବରେ ଆହ୍ୱାନ ଦେଇଥିଲା। ସେହିପରି ଇଜପ୍ଟରୁ ଫ୍ରାନ୍ସ, ବ୍ରିଟିଶ ଏବଂ ଇସ୍ରାଏଲ ସେନାର ଅପସାରଣ ପରେ ପ୍ରଥମ ଥର ପାଇଁ ଜାତିସଂଘ ଶାନ୍ତିରକ୍ଷୀ (ପିସ୍‌କିପିଙ୍ଗ) ବାହିନୀ ଗଠନ କରିଥିଲା। ଗଲା କିଛି ଦଶନ୍ଧି ଧରି ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଥିବାବେଳେ ଏବେ ଏହା ସୁପ୍ତପ୍ରାୟ। ଏହା କାରଣ ହେଉଛି, କେତେକ ମୁଖ୍ୟ ରାଷ୍ଟ୍ରଙ୍କ ଖୋଲାଖୋଲି ଆନ୍ତର୍ଜାତିକ ଆଇନ ଉଲଂଘନ। ଏହା ସତ୍ୟ ଯେ, ୯୦ ଦଶକ ପୂର୍ବରୁ ବିଶ୍ୱରେ ଦୁଇଟି ମହାଶକ୍ତିର ଉପସ୍ଥିତ ବିଶ୍ୱ ଶାନ୍ତି କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରିଥିଲା। ସୋଭିଏତ ୟୁନିଏନର ବିଲୟ ଏବଂ ୱାର୍ସା ମେଣ୍ଟ ଭାଙ୍ଗି ଯିବା ପରେ ଆମେରିକା ଏବେ କେବଳ ଏକ ମହାଶକ୍ତି ଭାବେ ରହିଛି। ଅନ୍ୟପକ୍ଷରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ନାମ) କ୍ରମଶଃ ଗୁରୁତ୍ୱ ହରାଇଛି। ଯାହାର ପରିଣତି ସ୍ୱରୁପ ଆମେରିକା କେବଳ ବଡ ଭାଇପଣିଆ ଜାହିର କରିନାହିଁ, ଗଣତାନ୍ତ୍ରିକ, ସାର୍ବଭୌମତ୍ୱ ରାଷ୍ଟ୍ରମାନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଭେନେଜୁଏଲା ଟ୍ରମ୍ପ ଏବେ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ଜାତିସଂଘର ପ୍ରାସଙ୍ଗିକତାକୁ ଅସ୍ୱୀକାର କରାଯାଇନପାରେ। କୋଭିଡ୍-୧୯ କାଳରେ ବିଶ୍ୱର କୋଣ-ଅନୁକୋଣରେ କୋଟି କୋଟି ଲୋକଙ୍କର ଜୀବନ ବଞ୍ଚାଇବାରେ ଜାତିସଂଘ, ଏହାର ବିଭିନ୍ନ ସଂସ୍ଥା ବା ସଂଗଠନ ଏବଂ ବହୁରାଷ୍ଟ୍ରୀୟ ସଂଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଭୁଲି ହେବ ନାହିଁ। ମାତ୍ର ଏବେ ବିଶ୍ୱର ବୃହତଶକ୍ତି ଭାବେ ଜଣାଶୁଣା ଆମେରିକା ଏହି ଆଭିମୁଖ୍ୟକୁ ପ୍ରତ୍ୟାଖ୍ୟାନ କରିବା ସହ ଏହାର ବିଭିନ୍ନ ବୈଶ୍ୱିକ ସଂଗଠନରୁ ମଧ୍ୟ ଓହରି ଯାଇଛି। କିନ୍ତୁ ମନେ ରଖିବାକୁ ହେବ ଯେ, ଜାତିସଂଘ ବିନା ଏକ ବିଶ୍ୱ ତିଷ୍ଠିବା ଅସମ୍ଭବ। ଏହା ନିସନ୍ଦେହ ଯେ, ଆମେରିକା ତଥା ଟ୍ରମ୍ପ ପ୍ରଶାସନର ଆଭିମୁଖ୍ୟ ଏବେ ଆଉ ଏକ ବିଶ୍ୱଯୁଦ୍ଧ ଆଡକୁ ଟାଣି ନେଉଛି।

# ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଜଣେ ବିଶ୍ୱବନ୍ଦିତ ସନ୍ୟାସୀ ତଥା ଯୁବ ସମାଜର ସର୍ବକାଳୀନ ଆଦର୍ଶ ସ୍ୱାମୀ ବିବେକାନନ୍ଦ ଉନ୍ନବିଂଶ ଶତାବ୍ଦୀରେ ଭାରତବର୍ଷର ନବଜାଗରଣର ଅନ୍ୟତମ ପ୍ରାଣପୁରୁଷ। ଯେତେବେଳେ ଭାରତୀୟ ଜନଜୀବନ ପରାଧିନତା ସାଙ୍ଗକୁ ନାନା ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟଦେଇ ଗତି କରୁଥିଲା, ସେହି ସମୟରେ ସ୍ୱାମୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ଦ୍ୱାରା ସମଗ୍ର ବିଶ୍ୱ ହିନ୍ଦୁ ଧର୍ମ ତଥା ଭାରତବର୍ଷ ର ମହାନତା ସମ୍ପର୍କରେ ଅବଗତ ହୋଇଥିଲା।ଆନ୍ତର୍ଜାତିକ ଖ୍ୟାତି ଓ ସ୍ୱୀକୃତି ଦୃଷ୍ଟିରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏକ ମାଇଲ ଖୁଣ୍ଟ ଥିଲା ୧୮୯୩ ମସିହା ସେପ୍ଟମ୍ବର ୧୧ ତାରିଖ।ସେହିଦିନ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ହୋଇଥିବା ଧର୍ମ ସମ୍ମିଳନୀରେ ସ୍ୱାମୀ ବିବେକାନନ୍ଦ ଯେଉଁ ମର୍ମସ୍ପର୍ଶୀ ଓ ହୃଦୟ ସ୍ପର୍ଶୀ ଉଦବୋଧନ ଦେଇଥିଲେ, ସେଥିରେ ଭରି ରହିଥିଲା ଆଧ୍ୟାତ୍ମିକତାର ତରଙ୍ଗ ଯାହାର କମ୍ପନ ପ୍ରତିଟି ଚେ଼ତନ ଯୁକ୍ତ ମନୁଷ୍ୟକୁ ଆଜି ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ପ୍ରେରଣା ପ୍ରଦାନ କରୁଛି।

ସେହି ମହାମାନବ ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ କଲିକତାର ସିମିଳାପଲ୍ଲୀରେ ଜନ୍ମଗ୍ରହଣ କରିଥିଲେ, ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ ଓ ମାତାଙ୍କ ନାମ ଭୂବନେଶ୍ୱରୀ ଦେବୀ। ତାଙ୍କ ପିତା ଜଣେ ବିଶିଷ୍ଟ ଓକିଲ ହୋଇଥିବା ସ୍ଥଳେ ମାତା ଧର୍ମପ୍ରାଣା ମହିଳା ଥିଲେ।ତାଙ୍କ ପିଲା ବେଳ ର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ,ଯିଏ ପରବର୍ତ୍ତୀ କାଳରେ ବିଶ୍ୱ ବରେଣ୍ୟ ଯୁଗାଚା଼ର୍ଯ୍ୟ ସ୍ୱାମୀ ବିବେକାନନ୍ଦ ହୋଇଥିଲେ।

କାଶୀର ବୀରେଶ୍ୱର ଶିବଙ୍କର ପ୍ରସନ୍ନତାରୁ ଏହି ପୁତ୍ର ଲାଭ ହୋଇଥିଲା, ତେଣୁ ନାମ ରଖାହେଲା ବୀରେଶ୍ୱର- ଡାକନାମ 'ବିଲେ' । ଅନ୍ନପ୍ରାଶନ ସମୟରେ ନାମ ଦିଆଗଲା ନରେନ୍ଦ୍ରନାଥ ।

ଶୈଶବରେ ବିଲେ ବଡ଼ ଅଶାନ୍ତ ଥିଲେ । ଭୁବନେଶ୍ୱରୀ ଦେବୀ ଦୁଃଖ କରି କହୁଥିଲେ, 'ଶିବଙ୍କୁ ଗୋଟିଏ ପୁଅ ମାଗିଥିଲି, ସେ ଗୋଟିଏ ଭୂତ ପଠାଇ ଦେଲେ ।' ମା' ଙ୍କଠାରୁ ରାମାୟଣ ମହାଭାରତ ଗଳ୍ପ ଶୁଣିବା ମାଧ୍ୟମରେ ବାଳକର ପ୍ରାଥମିକ ଶିକ୍ଷା ଆରମ୍ଭ ହେଲା। ରାମସୀତାଙ୍କର ମୂର୍ତ୍ତିକୁ ପୁଷ୍ପମାଲ୍ୟରେ ସଜ୍ଜିତ କରିବାକୁ ବିଲେ ଖୁବ୍ ଭଲ ପାଉଥିଲେ । ସଙ୍ଗୀମାନଙ୍କୁ ନେଇ ଶିବମୂର୍ତ୍ତି ସମ୍ମୁଖରେ ବସି ଧ୍ୟାନ କରିବା ଥିଲା ବିଲେର ଅନ୍ୟତମ ପ୍ରିୟ ଖେଳ । ଦିନେ ଛାତଘରେ ଏହି ଧ୍ୟାନର ଖେଳ ଚାଲିଛି, ଏପରି ସମୟରେ ଗୋଟିଏ ଗୋଖର ସାପ ସେଠାରେ ଦେଖାଗଲା; ସଙ୍ଗୀମାନେ ସମସ୍ତେ ଦୌଡ଼ି ପଳାଇଲେ; କିନ୍ତୁ ବିଲେ ଗଭୀର ଧ୍ୟାନମଗ୍ନ । ଚାରିଆଡ଼େ ଚହଳ ପଡ଼ିଗଲା। ସାପଟି ଚାଲିଯିବା ପରେ ଧ୍ୟାନସ୍ଥ ବିଲେକୁ କୋଳ କରି ବାହାରକୁ ଅଣାଗଲା । ପରେ ପଚାରିବାରୁ ବିଲେ କହିଲା, 'ମୁଁ ତ କିଛି ଜାଣିନି ।' ଶ୍ରୀରାମକୃଷ୍ଣଦେବ କହୁଥିଲେ, 'ନରେନ୍ ? ଧ୍ୟାନସିଦ୍ଧ ମହାପୁରୁଷ ।'

ଗରିବ ଦୁଃଖୀ ଓ ସାଧୁ ଫକିରଙ୍କ ଉପରେ ବାଳକ ନରେନ୍ଦ୍ରର ଖୁବ୍ ? ଦରଦ ଥିଲା । ଭିକ୍ଷା ପାଇଁ କେହି ଆସିଲେ ସେ ଚାଉଳ ଡାଲି, ପଇସା, କଉଡ଼ି ଯାହା ପାଏ, ତାହା ଆଣିଦିଏ, ଆଉ କିଛି ନ ପାଇଲେ ଖୋଲି ଦିଏ ନିଜର ପିନ୍ଧାଲୁଗା ଖଣ୍ଡିକ । ସର୍ବହରାମାନଙ୍କ ମୁହଁରେ ହସ ଦେଖି ତା'ର ପ୍ରାଣ ଅପରିସୀମ ତୃପ୍ତିରେ ଭରି ଉଠେ । ଜାତିଭେଦ ସମ୍ବନ୍ଧରେ ବାଳକ ନରେନ୍ର ବିଶେଷ କୌତୂହଳ । ବାପାଙ୍କ ବୈଠକଖାନାରେ ବିଭିନ୍ନ ଜାତିର ମହକିଲମାନଙ୍କର ଅଲଗା ଅଲଗା ହୁକ୍ କାରେ ମୁହଁ ଲଗାଇ ଟାଣି ଟାଣି ଦେଖେ-ଜାତି କିପରି ଯାଏ । ଜଣେ ମୁସଲମାନ ମହକିଲ ଥରେ ଆଦର କରି ନରେନ୍‌କୁ ଭଲ ଭଲ ସନ୍ଦେଶ ଖୁଆଇ ଦେଲେ । ମା' ତାହା ଦେଖି କହିଲେ, 'ଅନ୍ୟ ଜାତିର ଛୁଆଁ ଖାଇଲେ ଜାତି ଯାଏ ।' କିନ୍ତୁ ଜାତି କିପରି ଯାଏ, ତାହା ହିଁ ହେଲା ନରେନ୍ର ଚିନ୍ତାର ବିଷୟ ।

ଛ' ବର୍ଷ ବୟସରେ ସ୍କୁଲରେ ନରେନ୍ଦ୍ରଙ୍କର ନାମ ଲେଖା ହେଲା, କିନ୍ତୁ ସେ ଇଂରାଜୀ ପଢ଼ିବାକୁ ରାଜି ହେଲା ନାହିଁ । 'ସେ ତ ବିଦେଶୀ ଭାଷା, କାହିଁକି ପଢ଼ିବି ? ତା'ଠାରୁ ମାତୃଭାଷା ତ ଶିଖିବା ଭଲ ।'-ଏହା ଥିଲା ତାଙ୍କର କଥା । ଅନେକ ବୁଝାଇବା ପରେ କିଛି ମାସ ପରେ ନରେନ୍ଦ୍ର ଇଂରାଜୀ ପଢ଼ିବାକୁ ଆରମ୍ଭ କଲେ । ପ୍ରଖର ମେଧା, ଅଦ୍ଭୁତ ଧୀଶକ୍ତି ନେଇ ସେ ଜନ୍ମଗ୍ରହଣ କରିଥିଲେ । ଥରେ ଯାହା- ପଢୁଥିଲେ କେବେ ତାହା ଭୁଲୁ ନ ଥିଲେ । ସ୍କୁଲର ପାଠ୍ୟ-ପ୍ରସ୍ତୁତି ପାଇଁ ତାଙ୍କୁ ଅତି ଅଳ୍ପ ସମୟ ଲାଗୁଥିଲା । ବାକି ସମୟତକ ଖେଳାଖେଳି, କୁସ୍ତି, ଆଖଡ଼ା, ପହଁରିବା ବା ଅଭିନୟ କରିବାରେ କିମ୍ବା କଳକବ୍ ?ଜା ତିଆରି ଇତ୍ୟାଦିରେ କଟି ଯାଉଥିଲା । ନରେନ୍ଦ୍ର ଖୁବ୍ ଏକଜିଦିଆ ଓ ଦୁଷ୍ଟ ଥିଲେ । ଭୂତଭୟ, ବ୍ରହ୍ମଦୈତ୍ୟଭୟ, କୋକବାୟାଭୟ ଏସବୁ ହସି ଉଡ଼େଇ ଦେଉଥିଲେ । ଆମେରିକାରୁ ଫେରିବାପରେ ବିବେକାନନ୍ଦ ଦିନେ ଶିଷ୍ୟମାନଙ୍କୁ ହସି ହସି କହିଥିଲେ, 'ପିଲାଦିନେ ମୁଁ ଖୁବ୍ ଦୁଷ୍ଟ ଥିଲି । ତା ନ ହେଲେ ଏହି ଭାବରେ ଦୁନିଆସାରା ମୁଁ କଅଣ ଘୂରିଆସି ପାରିଥାନ୍ତି କିରେ ?' ବାଲ୍ୟକାଳରୁ ନରେନ୍ଦ୍ରଙ୍କର ସ୍ୱଭାବ ଥିଲା ଅତିଶୟ ନିର୍ମଳ । ପଢ଼ାପଢ଼ିରେ ତାଙ୍କର ବିଶେଷ ଅନୁରାଗ ଥିଲା । ସ୍କୁଲ ପାଠ୍ୟ ଛଡ଼ା ନାନା ବିଷୟ ପଢ଼ିବାକୁ ସେ ଭଲ ପାଉଥିଲେ । ତାଙ୍କର ଜ୍ଞାନାର୍ଜନ ସ୍ପୃହା ଓ ଧାରଣାଶକ୍ତି ଅତି ଅଦ୍ଭୁତ ଥିଲା । ଏଣ୍ଟ୍ରାନ୍ସ ପାଶ୍ କରିବା ପୂର୍ବରୁ ସମୁଦାୟ ଭାରତର ଇତିହାସ ସେ ଆୟତ୍ତ କରିଥିଲେ । ସାହିତ୍ୟରେ ମଧ୍ୟ ତାଙ୍କର ବିଶେଷ ପ୍ରୀତି ଥିଲା ।

କଲେଜ୍‌ରେ ପ୍ରବେଶ କରି ନରେନ୍ଦ୍ରଙ୍କର ଜ୍ଞାନସ୍ପୃହା ବଢ଼ିଗଲା । ସେ ପାଶ୍ଚାତ୍ୟ ଦର୍ଶନ, ନ୍ୟାୟଶାସ୍ତ୍ର, ବୈଜ୍ଞାନିକ ଆବିଷ୍କାର ଓ ଦେଶବିଦେଶର ଇତିହାସ ପ୍ରଭୃତି ବିଶେଷ ଆଗ୍ରହ ସହକାରେ ପଢ଼ିବାକୁ ଲାଗିଲେ । ଶରୀରଚର୍ଚ୍ଚା ଏବଂ ସଙ୍ଗୀତରେ ମଧ୍ୟ ତାଙ୍କର ବିଶେଷ ଉତ୍ସାହ ଥିଲା । ଗଳିରେ ନବଗୋପାଳ ମିତ୍ରଙ୍କ ଆଖଡ଼ାରେ ନିୟମିତ କୁସ୍ତି, ଲାଠିଖେଳ ପ୍ରଭୃତି ଅଭ୍ୟାସ କରୁଥିଲେ ।

ସ୍ୱାମୀ ଜୀ ପାଠପଢ଼ିବା ସମୟରେ ବ୍ରାହ୍ମସମାଜଭୁକ୍ତ ହୋଇ ନିୟମିତ ଉପାସନାରେ ଯୋଗ ଦେଉଥିଲେ । ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ବଳିଷ୍ଠଦେହ ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ । ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କଦ୍ୱାରା ସମ୍ପାଦିତ କରାଇଥିଲେ । ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଇଥିଲା କିନ୍ତୁ ଭାରତର ଜନସାଧାରଣଙ୍କର ଦାରିଦ୍ର୍ୟ ଓ ଅଶିକ୍ଷା ତାଙ୍କୁ ବ୍ୟଥିତ କରିଥିଲା । ମାତ୍ର ୨୬ ବର୍ଷ ବୟସରେ ସେ ସନ୍ୟାସୀ ହୋଇଥିଲେ।

ମାତୃଭୂମି ର ସ୍ୱର୍ଣ୍ଣିମ ଅତୀତକୁ ଫେରାଇ ଆଣିବା ପାଇଁ ୧୮୯୧ ଖ୍ରୀଷ୍ଟାବ୍ଦରେ ସନ୍ୟାସୀ ଭ୍ରାତା ମାନଙ୍କ ସଙ୍ଗ ପରିତ୍ୟାଗ କରି ଏକାକୀ ଈଶ୍ୱରଙ୍କ ଶରଣାପନ୍ନ ହୋଇ ଭାରତର ବିଭିନ୍ନ ସ୍ଥାନ ପଦବ୍ରଜରେ ପରିଭ୍ରମଣ କରି ୧୮୯୨ ମସିହା ଡ଼ିସେମ୍ବର ୨୫ ରୁ ୨୭ ତାରିଖ ଦିନ କନ୍ୟାକୁମାରୀ ଠାରେ ଭାରତ ମହାସାଗର ମଧ୍ୟରେ ଏକ ଶିଳାଖଣ୍ଡ ଉପରେ ବସି ଗଭୀର ଭାବରେ ଧ୍ୟାନମଗ୍ନ ହୋଇଥିଲେ। 'ଭାରତମାତା'ଙ୍କୁ ଧ୍ୟାନ କରି ସ୍ୱାମୀ ବିବେକାନନ୍ଦ ଧ୍ୟାନ ଚ଼କ୍ଷୁରେ ଦେଖିଥିଲେ ଭାରତର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ।ସେହି ସମୟରେ ସତେ ଯେପରି ସାଗର ଉପରେ ବିଚ଼ରଣ କରି ଗୁରୁ ଶ୍ରୀ ରାମକୃଷ୍ଣ ତାଙ୍କୁ ଆହ୍ୱାନ ଦେଇ କହୁଛନ୍ତି ଯା ଲଙ୍ଘିଯା ଏ ସମୁଦ୍ର ଦୂର ଦେଶେ ଯାଇ ଭାରତର ବାର୍ତ୍ତା ପହଞ୍ଚାଇ ଦେ। ଧ୍ୟାନମଗ୍ନ ହେଲା ପରେ ସ୍ୱାମୀ ବିବେକାନନ୍ଦ ଭାରତର ପ୍ରତିନିଧି ହିସାବରେ ଯିବାକୁ ମନସ୍ଥ କରି କଲିକତାକୁ ଫେରି ଆସିଥିଲେ। ତାଙ୍କର ଏହି ଇଚ୍ଛା ଦୈବନିର୍ଦ୍ଦିଷ୍ଟ ବୋଲି ଇଙ୍ଗିତ ପାଇବା ପରେ ସ୍ୱାମୀଜୀ ବିଦେଶ ଯିବା ନିମନ୍ତେ ସ୍ଥିର କରି ଯୁବକ ଶିଷ୍ୟ ମାନଙ୍କ ଦ୍ୱାରା ଉପଲବ୍ଧି କିଛି ଅର୍ଥ ଏବଂ ମହୀଶୂର,ରାମନାଦ ଓ ଖେତଡ଼ିର ମହାରାଜାଙ୍କ ଦିଆଯାଇଥିବା ଆର୍ଥିକ ସହାୟତା ନେଇ ସ୍ୱାମୀ ବିବେକାନନ୍ଦ ୧୮୯୩ ମସିହା ମେ' ମାସ ୩୧ ତାରିଖ ଦିନ ବମ୍ବେ ଠାରୁ ପେନିନସୁଲାର ଜାହାଜ ସାହାର୍ଯ୍ୟରେ ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

ଚି଼କାଗୋରେ ଅନୁଷ୍ଠିତ ଧର୍ମସଭାର ପ୍ରଥମ ଅଧିବେଶନ ୧୮୯୩ ମସିହା ସେପ୍ଟମ୍ବର ୧୧ ତାରିଖ ସୋମବାର ଦିନ ଆର୍ଟ ଇନଷ୍ଟିଚ୍ୟୁଟର ପ୍ରଶସ୍ତ ସଭାଗୃହ କଲମ୍ବସ ହଲ୍ ରେ ହୋଇଥିଲା ଆବାହନ ପ୍ରାର୍ଥନା ସଙ୍ଗୀତ ଦ୍ୱାରା ୪୦୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ସମାବେଶରେ ଉଦଘାଟିତ ହୋଇଥିଲା।ସେଦିନ ର ସଭା ଅଧକ୍ଷ ପ୍ରତିନିଧିମାନଙ୍କର ପରିଚ଼ୟ ପ୍ରଦାନ କରିବା ପରେ ଅନ୍ୟ ଧର୍ମ ର ପ୍ରତିନିଧି ମାନେ ଲିଖିତ ଅଭିଭାଷଣ ପାଠ କରିଥିବା ବେଳେ ସ୍ୱାମୀ ବିବେକାନନ୍ଦ ତାଙ୍କର ଅଭିଭାଷଣ ନିଜ ମୁଖରେ କହିଥିଲେ। ଅଧିବେଶନରେ ଉଦ୍ଦିଷ୍ଟ ମଞ୍ଚ ଉପରେ ଠିଆ ହୋଇ ମନେ ମନେ ମା' ସରସ୍ୱତୀ ଙ୍କୁ ପ୍ରଣାମ ଜଣାଇ ପ୍ରଥମେ ଜଣାଇଥିଲେ ସମ୍ବୋଧନ। ହେ ମୋର ଆମେରିକାବାସୀ ଭଗିନୀ ଓ ଭ୍ରାତୃଗଣ,ଏତିକି ସଭାଗୃହରେ ଏକ ଅପୂର୍ବ ଉନ୍ମାଦନା ର ଲହରୀ ଶ୍ରୋତାମାନଙ୍କ ମଧ୍ୟରେ ସଂଚ଼ରିତ ହୋଇଥିଲା ଏବଂ ସମସ୍ତ ଜନ ଗଣ ଆନନ୍ଦ ରେ ଦୁଇ ମିନିଟ କରତାଳି ପ୍ରଦାନ କରିଥିଲେ।ସ୍ୱାମୀଜୀ ତାଙ୍କର ଉଦବୋଧନରେ ବିଶ୍ୱ ଭ୍ରାତୃତ୍ୱର 'ଆତ୍ମିୟତା'କୁ ପ୍ରାଧାନ୍ୟ ଦେବାରୁ ଶ୍ରୋତାମାନଙ୍କ ହୃଦୟର ଗଭୀରତମ ସୂତ୍ରଟିକୁ ସ୍ପର୍ଶ କରିଥିଲା।କରତାଳି ସମାପ୍ତ ହେବା ପରେ ସ୍ୱାମୀଜୀ ସଂକ୍ଷିପ୍ତ ବକ୍ତୃତା ପ୍ରଦାନ କରିଥିଲେ।

ପ୍ରଥମ ଦିନ ସ୍ୱାମୀଜୀ ନିଜ ଅଭିଭାଷଣରେ କହିଥିଲେ ଯେଉଁ ଧର୍ମ ଜଗତକୁ ଆବାହମାନ କାଳରୁ ପରମ ସହିଷ୍ଣୁତା ଓ ସର୍ବବିଧିମତ ସ୍ୱୀକାର କରିବାକୁ ଶିକ୍ଷା ଦେଇ ଆସୁଛି,ମୁଁ ସେହି ଧର୍ମଭୂକ୍ତ ବୋଲି ନିଜକୁ ଗୌରବାନ୍ୱିତ ବୋଲି ମନେକରେ।

ସେପ୍ଟମ୍ବର ୧୫ ତାରିଖ 'ଭାତୃଭାବ' ପ୍ରସଙ୍ଗରେ କହିଥିଲେ ମୁଁ ଜଣେ ହିନ୍ଦୁ, ମୁଁ ଜଣେ ବୌଦ୍ଧ, ମୁଁ ଜଣେ ମୁସଲମାନ ଏପରି ନ ଭାବି ମୁ ଜଣେ ମନୁଷ୍ୟ ବୋଲି ଭାବିବା ଉଚି଼ତ।

ଧର୍ମସଭାର ବିଦାୟୀ ଭାଷଣ ଥିଲା ସେପ୍ଟମ୍ବର ୨୭ ତାରିଖ।ସେଦିନର ବିଷୟ ବସ୍ତୁ ଥିଲା 'ବୌଦ୍ଧଧର୍ମ ସହିତ ହିନ୍ଦୁଧର୍ମର ସଂପର୍କ' ।ସ୍ୱାମୀଜୀ କହିଥିଲେ, ହେ ବୌଦ୍ଧଗଣ, ବୌଦ୍ଧଧର୍ମ ବ୍ୟତୀତ ହିନ୍ଦୁ ଧର୍ମ ବଞ୍ଚିପାରେନା,ଠିକ୍ ସେହିପରି ହିନ୍ଦୁ ଧର୍ମକୁ ଛାଡ଼ି ବୌଦ୍ଧ ଧର୍ମ ବଞ୍ଚିପାରେ ନାହିଁ। ଏହାରି ଉପରେ ସ୍ୱାମୀଜୀ ବକ୍ତୃତା ରଖିଥିଲେ।

ତେବେ ଏହି ୧୭ ଦିନ ଧରି ସାମଗ୍ରିକ ଭାଷଣ ଦେଇ ସମସ୍ତଙ୍କ ହୃଦୟକୁ ଜୟ କରିପାରିଥିଲେ ସ୍ୱାମୀ ବିବେକାନନ୍ଦ।ତାଙ୍କର ସମସ୍ତ ବକ୍ତୃତା ଅଗ୍ନିଶିଖା ସଦୃଶ ଥିଲା,ଯାହାକି ଶ୍ରୋତାମାନଙ୍କର ହୃଦୟକୁ ଛୁଇଁପାରୁଥିଲା। ସେହି ଶ୍ରେଷ୍ଠ ପୁରୁଷ, ବହୁମୁଖୀ ପ୍ରତିଭାର ଅଧିକାରୀ ସ୍ୱାମୀ ବିବେକାନନ୍ଦ ଜୀ ୧୯୦୨ ମସିହା ଜୁଲାଇ ୪ ତାରିଖରେ ସମଗ୍ର ଦେଶବାସୀଙ୍କୁ ଶୋକସାଗରେ ରେ ଭସାଇ ଚା଼ଲିଗଲେ।ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୬୬

## କୁହୁକ ଜଳାଶୟ-୨



ନିତ୍ୟାନନ୍ଦ ପଣ୍ଡା



ଯୁଧିଷ୍ଠିରଙ୍କର ଚିନ୍ତାର ସୀମାନାହିଁ । କେଉଁଆଡେ ଗଲେ ସେମାନେ! ଭାଇମାନେ ଯେଉଁ ଦିଗରେ ଯାଇଥିଲେ ସେହି ଦିଗରେ ଗଲେ ଯୁଧିଷ୍ଠିର । ପହଞ୍ଚିଲେ ଜଳାଶୟ ନିକଟରେ । ଦେଖିଲେ, ତାଙ୍କର ଚାରିଭାଇ ମରିପଡ଼ିଛନ୍ତି । ସେ କାନ୍ଦିଲେ । ଏ କ'ଣ ହେଇଗଲା! ମୋତେ ଛାଡ଼ି ତୁମେ ଚାଲିଗଲ!

"ଯୁଧିଷ୍ଠିର! ତୁମର ଭାଇମାନେ ମୋର ପ୍ରଶ୍ନର ଉତ୍ତର ଦେଲେ ନାହିଁ କି ମୋ ବାରଣ ମାନିଲେ ନାହିଁ । ଫଳତଃ ଏପରି ଦଶା ଭୋଗିଛନ୍ତି । ମୋ ପ୍ରଶ୍ନର ଉତ୍ତର ଦିଅ । ଠିକ୍ ଠିକ୍ ଉତ୍ତର ଦେଲେ ଜଳ ପାଇବ ଓ ଭାଇମାନଙ୍କୁ ଫେରସ୍ତ ପାଇବ । ନୋହିଲେ ତୁମର ବି ସେହି ଦଶାହେବ ।" - କହିଲା ସେହି ଅଦୃଶ୍ୟ ସ୍ୱର ।

ଯୁଧିଷ୍ଠିର ବୁଝିଗଲେ, ଏହା ନିଶ୍ଚୟ ଯକ୍ଷର କାମ ।

କହିଲେ, "ମହାଶୟ ପ୍ରଶ୍ନ କହିବା ହୁଅନ୍ତୁ ।"

ଅଦୃଶ୍ୟ ସ୍ୱର ତରବରରେ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଲାଗିଲେ ।

: ସୂର୍ଯ୍ୟ କେମିତି ଦିନପରେ ଦିନ ନିରବଚ୍ଛିନ୍ନ ଭାବେ କିରଣ ଦାନ କରୁଛନ୍ତି ?

- ବ୍ରହ୍ମଙ୍କର ଶକ୍ତିବଳରେ ।

: ମନୁଷ୍ୟଙ୍କୁ କିଏ ବିପଦରୁ ରକ୍ଷାକରେ ?

- ସାହସ ।

: ପୃଥିବୀ ପରି ସହନଶୀଳ ଅନ୍ୟ କିଏ ?

- ଜନ୍ମଦାତ୍ରୀ ମାଆ ।

: ଆକାଶ ଠାରୁ ଉଚ୍ଚା କିଏ ?

- ପିତା ।

: ପବନ ଅପେକ୍ଷା ବେଗବାନ୍ କିଏ ?

- ମନ ।

: ମୃତ୍ୟୁ ପରେ ମଣିଷର ସାଥିରେ କିଏ ଯାଏ ?

: ଧର୍ମ ।

: କ'ଣ ତ୍ୟାଗ କରିବା ଫଳରେ ମଣିଷ ଧନୀ ହୁଏ ?

- କାମନା ।

: ପୃଥିବୀରେ ସବୁଠାରୁ ବଡ଼ ବିସ୍ମୟ କ'ଣ ?

- ପ୍ରତିଦିନ ମଣିଷ ଦେଖୁଛି, ଜୀବମାନେ ମରୁଛନ୍ତି । ତଥାପି ମଣିଷ ଭାବୁଛି ସେ ଚିରଦିନ ବଞ୍ଚିରହିବ । ଏହାହିଁ ସବୁଠୁ ବଡ଼ ବିସ୍ମୟ ।

ଏହିଭଳି ଆଉରି ଅନେକ ପ୍ରଶ୍ନ ଯକ୍ଷ ପଚାରିଲେ । ସବୁପ୍ରଶ୍ନର ସଠିକ୍ ଉତ୍ତର ଦେଲେ ଯୁଧିଷ୍ଠିର । ଖୁସିହେଲେ ଯକ୍ଷ । ଯୁଧିଷ୍ଠିରଙ୍କ ଭାଇମାନେ ଚହୁଁଚହୁଁ ନିଦରୁ ଉଠିଲା ଭଳି ଉଠିବସିଲେ ।

ବ୍ରାହ୍ମଣର ଘଷାକାଠ ଯେଉଁ ହରିଣ ନେଇଯାଇଥିଲା ଓ ବର୍ତ୍ତମାନର ଯକ୍ଷ ବାସ୍ତବରେ ଧର୍ମଦେବ ବା ଯମଦେବ ଥିଲେ । ଯୁଧିଷ୍ଠିରଙ୍କୁ ପରୀକ୍ଷା କରିବାକୁ ଆସିଥିଲେ । ଯୁଧିଷ୍ଠିର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଯମଦେବ ପ୍ରକଟ ହେଲେ । ପୁତ୍ର ଯୁଧିଷ୍ଠିରଙ୍କୁ ଆଲିଙ୍ଗନ କଲେ ।

ଯମଦେବ କହିଲେ, "ଆଉ କେଇଦିନ ମାତ୍ର ରହିଲା, ତୁମର ବାରବର୍ଷ ବନବାସ ଶେଷହେବ । ଆରମ୍ଭ ହେବ ଅଜ୍ଞାତବାସ ଏକବର୍ଷ । ବହୁ ଅସୁବିଧାର ସମ୍ମୁଖୀନ ହେବ ଅବଶ୍ୟ । ତେବେ ତୁମେ ସବୁଥିରୁ ମୁକୁଳିଯିବ ଓ ପରିଶେଷରେ ବିଜୟ ଲାଭ କରିବ ।"

ଯମଦେବ ଅଦୃଶ୍ୟ ହୋଇଗଲେ ।

ଅର୍ଜୁନ ସ୍ୱର୍ଗରୁ ଦୈବୀଅସ୍ତ୍ର ଲାଭକରି ଅଧିକ ଶକ୍ତିଶାଳୀ ହୋଇଥିଲେ । ଭୀମସେନଙ୍କୁ ହନୁମାନ ଆଲିଙ୍ଗନ କରିବା ଫଳରେ ତାଙ୍କର ଶକ୍ତି ଦଶଗୁଣ ବଢିଯାଇଥିଲା । ଆଉ ବର୍ତ୍ତମାନ ଯୁଧିଷ୍ଠିର ଯମଦେବଙ୍କ ସ୍ପର୍ଶପାଇ ଅଧିକ ଶକ୍ତିଶାଳୀ ଓ ଉଜ୍ଜ୍ୱଳ ହୋଇଉଠିଲେ ।

ଯକ୍ଷ ଓ ଯୁଧିଷ୍ଠିରଙ୍କ କାହାଣୀ ଶୁଣେଇଥିଲେ ବୈଶମ୍ପାୟନ ଜନ୍ମେଜୟଙ୍କୁ । ଏହି କାହାଣୀର ଅର୍ଥକୁ ଯିଏ ଉପଲବ୍ଧି କରିବ ସେ କେଉଁ କାହାକୁ ଈର୍ଷା କରିବ ନାହିଁ କି କାମନାରେ ବଞ୍ଚିବନାହିଁ ।


ଧର୍ମଦେବଙ୍କର ଜୟ ହେଉ ।

(କ୍ରମଶଃ ...)


ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# ମକର ସଂକ୍ରାନ୍ତି

ହୃଦାନନ୍ଦ ସୁନାନୀ



ମକର ରାଶିରେ ସୂର୍ଯ୍ୟ ଯିବେ
ଏହାକୁ ମକର ସଂକ୍ରାନ୍ତି କୁହାଯାଏ
ଧନୁ ରାଶି ଠାରୁ ମକରର
ରାଶିରେ ସୂର୍ଯ୍ୟଟି ପ୍ରବେଶ ହୋଇଥାଏ -(୦)
ତାମିଲନାଡୁରେ ଏହାକୁ ଯେ
ପୋଙ୍ଗଲ ରୂପେ ମାନ୍ୟତା ଦିଆଯାଇଛି
ପଞ୍ଜାବରେ ଲୋହରି, ଆଉ
ଗୁଜରାଟରେ ଉତ୍ତରାୟଣ ହୋଇଛି -(୧)
ଉତ୍ତର ଭାରତରେ ଏହା
ମକର ସଂକ୍ରାନ୍ତି ଭବେ ପାଳନ ହୁଏ
ହିନ୍ଦୁ ଧର୍ମରେ ଏହି ଦିନ
ଗଙ୍ଗାଦି ସ୍ନାନ କରିବାର ବିଧି ଥାଏ -(୨)
ଏହି ଦିନ ଧାର୍ମିକ ଗ୍ରନ୍ଥ,
କ୍ୟାଲେଣ୍ଡର ଦାନ କରିବା ଶୁଭ ହୁଏ
ସୂର୍ଯ୍ୟଙ୍କର ପୂଜା ଏ ଦିନ
କରାଯାଏ, ସୂର୍ଯ୍ୟ ଓ ଶନି ଭେଟ ଥାଏ-(୩)
ସୂର୍ଯ୍ୟଙ୍କର ସନ୍ତାନ ଶନି
ନିଜ ପିତାଙ୍କର ଭେଟ ଏ ଦିନ କରେ
ଭାଗିରଥଙ୍କ ପଛେ ପଛେ
ଏ ଦିନ, ଗଙ୍ଗା ଓହ୍ଲାଇଲେ ପୃଥିବୀରେ-(୪)



କଳାହାଣ୍ଡି
ମୋ-୯୧୭୮୫୪୮୫୯

# ମକର ସଂକ୍ରାନ୍ତି

ଅସୀମା ପ୍ରଧାନ

ମକର ସଂକ୍ରାନ୍ତି ପାଳିବା ଆଜି
ଘର କରିବା ଚାଲ ସଜାସଜି ॥
ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି
କାମ ସାରିଦେବା ଆଜି ଝଟତି ॥
କାମ ଆଜି ତ ଆରମ୍ଭ କରିଲେ
ଶୁଭ ହୋଇଥାଏ ସବୁ ତ ଭଲେ ॥
ଜଗନ୍ନାଥଙ୍କ ମକର ଚୌରସି ବେଶ
ଦେଖି ଯେ ହେବା ଆମେରେ ହରଷ ॥
ଦର୍ଶନ ଲଭିଣ କାଳିଆଙ୍କର
ପ୍ରଫୁଲ୍ଲ ହେବ ତ ମନ ଆମର ॥
ବିରିର ପିଠା ଶିମ୍ବ ତରକାରୀ
ରାଶିର ଜାଉ ତ ବାସଇ ଭାରି ॥
ଆମ୍ବ ଡାଳରେ ସଜାଇବା ଘର
ଚାରି ଆଡ କରି ସଫା ସୁତର ॥
ନୂଆ ଚାଉଳରେ କରି ଯେ କ୍ଷିରୀ
ପୂଜା ତ କରିବା ଦେବ ଶ୍ରୀହରି ॥
ଚାଉଳ ଆଖୁ କଦଳୀ ନଡ଼ିଆ
ଭୋଗ ପାଇଁ ସବୁ ହେବରେ ଥୁଆ ॥
ମନ୍ଦିର ଯିବା ଭୋଗ ଖାଇବା
ସନ୍ଧ୍ୟାରେ ଆସି ଗୁଡ଼ି ଉଡ଼ାଇବା ॥
ଆଜି ଠୁ ବଢିବ ଖରାର କୋପ
ଶୀତ ପାଇଁ ଆଉ ହେବାନି ଧକ ॥

ବୀରମହାରାଜପୁର, ସୁବର୍ଣ୍ଣପୁର

# ନୂଆ ବରଷ ନୂଆ ସପନ



ଶରତ କୁମାର ଦାସ

ହଟିଲାଣି ଧୀରେ ଅନ୍ଧାର ମହୀରୁ
ଗଳାଣିତ ରାତି ସରି,
ପାହାନ୍ତିଆ ତାରା ଜାଳିଲାଣି ଦୀପ
ଅସୁମାରି ଖୁସି ଧରି ।

ପତର ଗହଳେ କିଚିରିମିଚିରି
ଶୁଭିଲାଣି କାନେ କେତେ,
ସତେ କିଏ ସିଏ ପଢୁଛି ମନ୍ତର
ଜଗତର ହିତେ ଯେତେ ।

ହିଂସା, କପଟର ଅନ୍ଧାର ହଟିବ
ଲିଭିଯିବ ଲୁହଲହୁ,
ସ୍ନେହ-ଶରଧାର ସୁମଧୁର ସୁରେ
ଝରିବ ଶାନ୍ତିର ମହୁ ।

ଶୀତୁଆ ପବନ ଦେଲାଣି ବାରତା
ଆସିଛି ଅତିଥି କାହୁଁ,
କାକର-ମୋତିର ପସରାକୁ ମେଲି
ମନ କିଣେ ଚାହୁଁଚାହୁଁ ।

ଆକାଶ ରାଇଜୁ ଝରଝର ହୋଇ
ଝରିଲାଣି ସୁନା ଖରା,
କଅଁଳ ଖରାର କୋମଳ ପରଶେ
ହସିଉଠିଲାଣି ଧରା ।

ଆସ କୁନା, କୁନି, ମୁନା, ମୁନି, ଝୁନା
ଶପଥ ନେବାରେ ଆମେ,
ମାନ ଅଭିମାନ ଠାରୁ ଦୂରେ ରହି
ମନ ଦେବା ଭଲ କାମେ ।

ନୂଆ ବରଷର ନୂଆ ମହକରେ
କଷଣ ହୋଇବ ଦୂର,
ସୁଖ ବଇଭବ ପରଶେ ଏ ମାଟି
ହେବଟି ସରଗ ପୁର ।

ଭଲପାଇବାର ନୂଆ ଭାବନାରେ
ପୁଲକିତ ହେବ ମନ,
ନୂଆ ସପନରେ ନାଚି ଉଠିବେଟି
ନଈ, ନାଳ, ବିଲ, ବନ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଉଡ଼ି ଉଡ଼ି ଯାଆ ମୋର ଗୁଡ଼ି

ନଳିନୀ ଦାଶ



ଉଡ଼ି ଉଡ଼ି ଯାଆ ମୋର
ଗୁଡ଼ି ପବନରେ
ତତେ ଦେଖି ମନେ ମୋର
କେତେ ଖୁସି ଭରେ ।

ନାଲି ନେଳି କାଗଜରେ
ତତେ ତିଆରିଛି
ହାତରେ ନଟେଇ ଧରି
ସୂତା ବାନ୍ଧିଅଛି ।

ପାଠ ପଢା ସାରି ଦେଇ
ଗାଆଁ ପିଲା ମେଳେ
ପଡ଼ିଆରେ ଗୁଡ଼ି ଛାଡେ
କେତେ କଉଶଳେ ।

ନୀଳ ଗଗନକୁ ଛୁଇଁ
ଗୁଡ଼ି ଉଡୁଥିବୁ
ମୋ ମନରେ ଖୁସି ଭରି
ହସାଇ ତୁ ଦେବୁ ।

ଇଛା ମୋର ଉଡ଼ିଯାନ୍ତି
ମୁଁ ତୋର ସାଥିରେ
ପାଦଥାପି ହସୁଥାନ୍ତି
ଜହ୍ନ ରାଇଜରେ ।

ଉଡ଼ି ଯାଆ ଗୁଡ଼ି ମୋର
ସବୁ ଭୁଲି ଦୁଃଖ
ବାଣ୍ଟିଦିଏ ସ୍ନେହଁ ଶାନ୍ତି
ପ୍ରତି ମନେ ସୁଖ ।

ଭିକାରିପଡା, ଶରଣକୁଳ, ନୟାଗଡ
ମୋ-୯୨୩୮୯୯୬୬୪୯

# ଗୁଡ଼ିରେ ଗୁଡ଼ି

ଅଶୋକ କୁମାର ପ୍ରଧାନ



ଗୁଡ଼ିରେ ଗୁଡ଼ି
ପକ୍ଷୀ ପରି ତୁହି ନୀଳ ଆକାଶକୁ
କହ ତୁ କେମିତି ଯାଉଛୁ ଉଡି । ଗୁଡ଼ିରେ ଗୁଡ଼ି

ଡେଣା ତୋର ନାହିଁ କଥାଟି ସତ
ଉଡ଼ି ଯାଉ ଡେଇଁ ତୁ ପରବତ
ନଈ ନାଳ କ୍ଷେତ ପୋଖରୀ ଡେଇଁ
ଆକାଶରେ ନାଚୁ ତା ଥେଇ ଥେଇ
ତୋ ଉଡ଼ା ଦେଖି ମୁଁ ଭାରୀ ଖୁସି ହୁଏ
ଭୋକ ଶୋଷ କଥା ଯାଏ ମୁଁ ହୁଡ଼ି । ଗୁଡ଼ିରେ ଗୁଡ଼ି

ମକର ଆସିଲେ ଗଢ଼ଇ ତୋତେ
ମୋର ଏଇ ଟିକି କଅଁଳ ହାତେ
ସିନିହ ଶରଧା ତୋ ଠାରେ ଢାଳି
ତୋ କଥା ମୁଁ କେତେ ହୁଅଇ ଭାଳି
ଏଥିପାଇଁ ବାପା ବୋଉ ଗାଳି ଖାଏ
ବିଜି ବିଜି ହୁଏ ମୋ ମାଆ ବୁଢ଼ୀ । ଗୁଡ଼ିରେ ଗୁଡ଼ି

ଭୁଲେ ସବୁ କଥା ତୋ ମୁହଁ ଚାହିଁ
କେତେ ଖୁସି ହୁଏ ତୋହରି ପାଇଁ
ଆସିବୁ ଆକାଶୁ ସଅଳ ଫେରି
କରିବିନୁ ଜମା ଅଧିକ ଡେରି
ଡେରି କଲେ ବାଟ ଜାଣିପାରିବୁନି
ସୁରୁଜ ଦେବତା ଯିବେରେ ବୁଡ଼ି । ଗୁଡ଼ିରେ ଗୁଡ଼ି

ନୀଳ ଆକାଶେ ତୋ ଉଡ଼ିବା ଦେଖି
କେତେ ଗପ ଗୀତ ଦିଏ ମୁଁ ଲେଖି
ତୁ ମୋ ହୀରା ନୀଳା ଅମୂଲ ମୂଲ
ଆମ ବନ୍ଧୁତାକୁ କେ ହେବ ତୁଲ
ସରଗର ସୁଖ ଫିକା ଲାଗେ ମୋତେ
ଯେବେ ଆକାଶକୁ ଯାଉ ତୁ ଉଡ଼ି । ଗୁଡ଼ିରେ ଗୁଡ଼ି

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦







# ସେନା ଦିବସ

ଦଶରଥ ମାଝୀ



ଜାନୁଆରୀ ମାସ ପନ୍ଦର ତାରିଖ
ସ୍ଥଳସେନାର ଦିବସ
ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ସମ୍ମାନାର୍ଥେ
ପାଳନ୍ତି ପ୍ରତିବରଷ (୧)
ସାହାସିକତାରେ ଛାତିକୁ ଦେଖାଇ
ଶତ୍ରୁପକ୍ଷ ଗୁଳି ଆଗେ
ଜାଗ୍ରତ ପ୍ରହରୀ ସାଜନ୍ତି ସେମାନେ
ଦେଶପ୍ରେମ ଅନୁରାଗେ (୨)
ଦେଶ ସୁରକ୍ଷାରେ ଶତ୍ରୁ ସଙ୍ଗେ ଲଢ଼ି
ଫୁଟାଇ ବନ୍ଧୁକ ଗୁଳି
ଏ ଦେଶକୁ ରକ୍ଷା କରିବାକୁ ଯାଇ
ଦେଇଥାଏ ପ୍ରାଣବଳି (୩)
ଭାରତବର୍ଷରେ ପାଳନ କରନ୍ତି
ବେଶ୍ ଉତ୍ସାହର ସହ
ଶ୍ରଦ୍ଧାଞ୍ଜଳି ଦେଇ ସୈନିକ ମାନଙ୍କୁ
ସମ୍ମାନ ଜଣାଏ ଯହ (୪)
ଦେଶ ରକ୍ଷା କର ସୈନିକ ହୋଇକି
ଯେତେ ଅଛ ଯୁବପିଢ଼ି
ଗରଜନ କର ହୁଙ୍କାର ଦେଇକି
ଶତ୍ରୁପକ୍ଷେ ସଦା ଲଢ଼ି (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ-୮୨୪୯୨୧୨୪୭୨

# ଯାଆରେ ଉଡ଼ି ମୋ ଟିକି ଗୁଡ଼ି...

ରାମଚନ୍ଦ୍ର ବେହେରା



ଯାଆରେ ଉଡ଼ି ମୋ ଟିକି ଗୁଡ଼ି
ଯାଆ ସରଗପୁର
ଜହ୍ନ ମାମୁଁକୁ ଭେଟିବୁ ଯାଇ
ପ୍ରଣାମ ଦେବୁ ମୋର ।
ଦୂରରୁ ତାଙ୍କ ରୂପ ଦେଖିଛି
ଭାରି ସେ ମନଲୋଭା
ଜୋଛନା ଦେଇ ଧରା ମାଆର
ବଢାଇଥାନ୍ତି ଶୋଭା ।
ପହଞ୍ଚି ସେଠି ଜହ୍ନ ରାଇଜ
ବୁଲିବୁ ଧୀରେ ଧୀରେ
ଭଲ ଦରବ ଦେଖିବୁ ଯଦି
ଆଣିବୁ ସରାଗରେ ।
ମାମୁଁଙ୍କ ସହ ତାରା ରାଇଜ
ନିଶ୍ଚେ ତୁ ବୁଲିଯିବୁ
ତାରା ମାନଙ୍କୁ ଆମ ଦେଶର
ଖବର ସବୁ ଦେବୁ ।
ସୂର୍ଯ୍ୟଦେବଙ୍କୁ ମୁଣ୍ଡ ନୁଆଁଇ
କରିବୁ ପ୍ରଣିପାତ
କହିବୁ ତାଙ୍କୁ ଦୂରେଇ ନେବେ
ଦେଶରୁ ଅଂଶୁଘାତ ।
ଗ୍ରହଙ୍କ ସହ କଥା ହେବାକୁ
ଯିବୁନି କେବେ ଭୁଲି
କହିବୁ ତାଙ୍କୁ ଆସିବା ପାଇଁ
ମକର ମେଳା ବୁଲି ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସୂର୍ଯ୍ୟଙ୍କର ଗତି ବକର ହେଲା

ନିରଞ୍ଜନ ସାହୁ

ମକରରେ ସୂର୍ଯ୍ୟ ମକର କ୍ରାନ୍ତିରେ
ବକର ହୋଇବ ଗତି
ଧୀରେ ଧୀରେ ସୂର୍ଯ୍ୟ ପାଖେଇ ଆସିବେ
ହୋଇବେ ପୃଥିବୀ କତି ।
କ୍ରମେକ୍ରମେ ଶୀତଋତୁ ବାହୁଡ଼ିବ
ଥଣ୍ଡା ଯିବ କମିକମି
ବସନ୍ତ ଋତୁର ଆଗମନ ହେବ
ଋତୁଚକ୍ର ପଥେ ଗମି ।
ଦିନର ଆୟୁଷ ଧୀରେ ବଢୁଥିବ
ରାତିର ଆୟୁଷ ନେଇ
ଖରାର ପ୍ରଭାବ କ୍ରମେ ବଢୁଥିବ
ଋତୁର ସଙ୍କେତ ଦେଇ ।
ଶୀତବସ୍ତ୍ରମାନେ ଅଲୋଡ଼ା ହୋଇବେ
ଆଉ କିଛି ଦିନ ପରେ
ଶୀତଳ ପବନ ଲୋଡ଼ା ପଡ଼ିଯିବ
ପଙ୍ଖା ଘୁରୁଥିବ ଘରେ ।
ଶୀତଳ ପାଣିକୁ ଡ଼ର ଲାଗିବନି
ଆଦର କରିବେ ଜନେ
ବୃକ୍ଷମାନଙ୍କର ପତ୍ର କଅଁଳିବ
ଶ୍ୟାମଳ ଭରିବ ବନେ ।
ଗରମ ପାନୀୟ ବଦଳେ ସରବେ
ଶୀତଳ ପାନୀୟ ପାଇଁ
ତୃଷାର୍ତ୍ତ ପରାୟେ ଖୋଜି ବୁଲୁଥିବେ
ଆସିବେ ତା ପାଶେ ଧାଇଁ ।
ସୂତା ପୋଷାକର ଆଦର ବଢ଼ିବ
ଉଷ୍ମମ ପୋଷାକ ଛାଡି
ଉତ୍ତର ଦିଗରୁ ପବନ ନ ବହି
ଦକ୍ଷିଣୁ ଆସିବ ମାଡ଼ି ।
ପଖାଳ ଭାତର ଚାହିଦା ବଢ଼ିବ
ସାଥେ ବଡ଼ିଚୁରା, ଶାଗ
କାକୁଡି, ପିଆଜ, ମାଛଭଜା, ଦହି
ଆମ୍ବନସି ହେବ ବାଗ ।
ପରିବର୍ତ୍ତନ ଏ ସୃଷ୍ଟିର ନିୟମ
ପାଳିଥାଏ ଋତୁଚକ୍ର
ମକର ସରିଲା ସୂର୍ଯ୍ୟଙ୍କର ଗତି
ଏଣିକି ହୋଇବ ବକ୍ର ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩

# କହିଲ ଦେଖି

ପ୍ରଶାନ୍ତ କୁମାର ନାଥ

୧) କୃଷିଭିତ୍ତିକ ଏକ ପରବ ସିଏ
ଜାନୁଆରି ମାସେ ପାଳନ ହୁଏ
ଉତ୍ତରାୟଣ ଗତି ସୂର୍ଯ୍ୟଙ୍କ ହୁଏ
ମକର ରାଶିକୁ ଗମନ ଥାଏ
ଅମଳର ପର୍ବ ଦୁନିଆଁ କୁହେ
ନାମଟି ତାହାର କହିବ କିଏ ?

୨) ନୂଆ ଚାଉଳରେ ଲାଗଇ ଭୋଗ
ଛେନା କଦଳୀରେ ଲାଗଇ ବାଗ
ବନ୍ଧୁ ବାନ୍ଧୁଥାନ୍ତି ସେ ଭୋଗ ଖୋଇ
କିଏ ସେ ପାରିବ ତା ନାମ କହି ?

୩) ଅତି ଆନନ୍ଦରେ ଆକାଶେ ଉଡ଼େ
ନଟେଇକୁ ଧରି ମୁନିବ ଭିଡ଼େ
ରକ୍ତ ମାଂସେ ଗଢା ପକ୍ଷୀ ସେ ନୁହେଁ
କାଗଜରେ ପରା ତିଆରି ହୁଏ
ମକର ଆସିଲେ ଉଡ଼ଇ ବେଶି
ତାସାଥିରେ ସବୁ ହୁଅନ୍ତି ଖୁସି
ଦେଖିବାକୁ ସିଏ ଭାରି ସୁନ୍ଦର
କିଏ ସେ କହିବ ନାମଟି ତାର ?

୪) ସକାଳ ହେଲେ ପୂରୁବ ଦିଗେ
ହୁଅନ୍ତି ଆସି ଉଭା
ସନ୍ଧ୍ୟା ହୋଇଲେ ଯାଆନ୍ତି ଫେରି
ସଜେଇ ଆକାଶଗଭା
ସଭିଏଁ ତାଙ୍କୁ କରନ୍ତି ପୂଜା
କୁହଇ କିଏ ରବି
ଜାଣିଛ ଯଦି ନାମଟି ତାଙ୍କ
ଉତ୍ତର ଦିଅ ଭାବି ?

ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର
ମୋ-୮୩୧୦୩୨୮୩୪୫

[illegible]

# ଜରି ଗୋଟାଳିଙ୍କ ଜୀବନଶୈଳୀ

ସୁରମା ମିଶ୍ର



ଡାକିଲା ଟୁକୁନା ଆସ କୁନାମୁନା
ବସ୍ତି ଆଡେ ବୁଲି ଯିବା
ଜରି ଗୋଟାଳିଙ୍କ ଜୀବନଶୈଳୀକୁ
ଆଖିରେ ଦେଖି ଆସିବା ॥

ସକାଳୁ ପଖାଳ ଗଣ୍ଡେ ଖାଇଦେଇ
କାନ୍ଧରେ ଅଖା ପକାଇ
ହାତରେ ବାଡ଼ିଟେ ଧରି ବୁଲିବୁଲି
ଆଣନ୍ତି ଜରି ଗୋଟାଇ ॥

ଅଳିଆ ଗଦାରୁ ବାଡ଼ି ସାହାଯ୍ୟରେ
ସବୁ ଜରିକୁ କାଢନ୍ତି
କାନ୍ଧେ ଥିବା ଜରି ଅଖାଟି ଭିତରେ
ଯତନେ ରଖି ଦିଅନ୍ତି ॥

ଦେହେ ଥାଏ ଚିରା ପ୍ୟାଣ୍ଟସାର୍ଟ ଦିଟା
ସବୁ ଯାଇଥାଏ ଫାଟି
ଶୀତ କାକରକୁ ବେଖାତିର କରି
ସକାଳୁ ଯାଆନ୍ତି ଉଠି ॥

ପାଦେ ଥାଏ ଛିଣ୍ଡା ଚପଲ ଦିଇଟା
ସେଥିପାଇଁ ଦୁଃଖ ନାହିଁ
ଚାଲୁଚାଲୁ ବାଟେ ଛିଣ୍ଡି ଯାଏ ଯଦି
ଅଖାରେ ଦିଅନ୍ତି ଥୋଇ ॥

ଆଉ କେତେ ପିଲା ସାଙ୍ଗ ମେଳେ ମିଶି
ବିଡି ଗୁଟ୍‌ଖା ଖାଆନ୍ତି
ଶରୀରରେ କେତେ ଅପକାର ହୁଏ
ସେ କଥା ସେ ନବୁଝନ୍ତି ॥

ଚାଲ ଭାଇ ଯିବା ବୁଝାଇ କହିବା
ସେ ସବୁ ନ ଖାଇବାକୁ
ବୁଝି ନ ପାରିଲେ ଶତ ଚେଷ୍ଟା କରି
ବୁଝାଇବା ସେମାନଙ୍କୁ ॥

ଜରି ଗୋଟା ଛାଡି ପାଠ ପଢିବାକୁ
ପ୍ରେରଣା ତାଙ୍କୁରେ ଦେବା
ସ୍ନେହ ବୋଳା କଥା କେଇ ପଦ କହି
ମନ ତାଙ୍କ ଜିଣି ନେବା ॥

ଆମେ ଯଦି ଭାଇ ମନରେ ତାଙ୍କର
ଦେବା ନାହିଁ କେବେ ବ୍ୟଥା
ମାନିବେ ମାନିବେ ମାନିବେ ସିଏରେ
ମାନିବେ ଆମରି କଥା ॥

ସମ୍ମାନର ସହ ଚାଲିବେ ସେମାନେ
ଉଚେ ଟେକି ତାଙ୍କ ମଥା
ଭୁଲି ଯିବେ ତାଙ୍କ ପିଛିଲା ଜୀବନ
ଭୁଲି ଯିବେ ପଛ କଥା ॥

ବିଏଲ୍-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫



# ନଥାଇ ଡେଣା ଯାଏରେ ଉଡ଼ି

ଦୀନବନ୍ଧୁ ପୋଇ

ଡେଣା ନଥାଇ ଯାଏରେ ଉଡି
ଅଟଇ ସିଏ ଗୁଡ଼ି
ହେଲେ ମକର ସେ ମାଳ ମାଳ
ଆକାଶେ ଥାଏ ଉଡି ।
କାଗଜ ସୂତା ବାଉଁଶ ପାତେ
ଗଢ଼ା ହୁଅଇ ଗୁଡି
ଦିଲୁ ଗୁଡିର ସୂତାକୁ ଧରି
ଦିଏ ଆକାଶେ ଛାଡି ।
ଦିଲୁ ଓ ଗୁଡ଼ି ଦୁହେଁ ତ ଖୁସି
ଦେଖୁଛି ନଭେ ପକ୍ଷୀ
ଦୁଃଖ ତାହାର ବଢିଯାଉଛି
କାହାକୁ ଦେବ ସାକ୍ଷୀ ।
ଏମିତି ଯେତେ ମାନବ ଜାତି
ନିଜର ସୁଖ ପାଇଁ
ଉଡାନ୍ତି ଗୁଡି ସେ ମାଳ ମାଳ
ତାଙ୍କୁ ଯେ ଦୁଃଖ ଦେଇ ।
ବାଡେଇ ହୋଇ ତାଙ୍କରି ଦେହେ
ଡେଣାବି ଯାଏ କଟି
କହନ୍ତି ନାହିଁ ଦୋଷି ନରଙ୍କୁ
ଫିଟେନି ବୋଲି ପାଟି ।
ଯାହା କରୁଛ ଯେମିତି କର
ରୁହ ସଜାଗ ହୋଇ
ଅନ୍ୟର କ୍ଷତି ନ ହେବା ପାଇଁ
କର ସେ କାମ ଭାଇ ।

ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ଦୂରଭାଷ- ୯୯୩୮୮୦୨୪୧୨

# ତୁମ ତୂଳୀରୁ ...



ସଞ୍ଜୀନା ହେମ୍ବ୍ରମ , ଶ୍ରେଣୀ - ଚତୁର୍ଥ
ସରକାରୀ ଉଚ୍ଚ ବିଦ୍ୟାଳୟ ଅଦାପାଳ, ଉଦଳା, ମୟୂରଭଞ୍ଜ

# ନ୍ୟୁଜିଲାଣ୍ଡ ଠାରୁ ୭ ୱିକେଟ୍‌ରେ ହାରିଲା ଭାରତ



**ନୂଆଦିଲ୍ଲୀ**

ରାଜକୋଟ ଗ୍ରାଉଣ୍ଡ ପୁଣିଥରେ ଟିମ୍ ଇଣ୍ଡିଆ ପାଇଁ ଦୁର୍ଭାଗ୍ୟଜନକ ସାବ୍ୟସ୍ତ ହେଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ଏକ ବଡ଼ ପରାଜୟ ହୋଇଛି। ୨୮୪ ରନ୍ କରିଥିବା ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ଠାରୁ ଏକପାଖିଆ ଭାବରେ ୭ ୱିକେଟରେ ପରାସ୍ତ ହେଲା। ଚମତ୍କାର ଶତକ ଖେଳିଥିବା ଡାରିଲ୍ ମିଚେଲ୍ ନ୍ୟୁଜିଲାଣ୍ଡର ବିଜୟ ଏବଂ ଭାରତର ପରାଜୟର ଏକ ପ୍ରମୁଖ କାରଣ। ତାଙ୍କ ବ୍ୟତୀତ ୱିଲ୍ ୟଙ୍ଗ୍ ମଧ ୮୭ ରନ୍ କରି ତାଙ୍କ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ଭାରତ ପାଇଁ କେଏଲ୍ ରାହୁଲ ଅପରାଜିତ ୧୧୨ ରନ୍ କରିଥିଲେ, କିନ୍ତୁ ତାଙ୍କର ଶତକ ବ୍ୟର୍ଥ ହୋଇଥିଲା।

୨୮୫ ରନର ଟାର୍ଗେଟ ପିଛା କରୁଥିବା ନ୍ୟୁଜିଲାଣ୍ଡର ଆରମ୍ଭ ମନ୍ଥର ଥିଲା। ଡେଭନ କନୱେ ଏବଂ ହେନରୀ ନିକୋଲ୍ସ କ୍ରିଜ୍‌ରେ ଫସି ରହିଥିଲେ। ତା'ପରେ ହର୍ଷିତ ରାଣା କନୱେଙ୍କୁ ୧୬ ରନରେ ବୋଲ୍ଡ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ହେନରୀ ନିକୋଲ୍ସ ମଧ ପ୍ରସିଦ୍ଧ କୃଷ୍ଣଙ୍କ ଶିକାର ହୋଇଥିଲେ। ମନେ ହେଉଥିଲା ଭାରତ ମ୍ୟାଚ୍ ନିୟନ୍ତ୍ରଣ କରିବ, କିନ୍ତୁ ତା'ପରେ ଡାରିଲ ମିଚେଲ ଉଭା ହେଲେ। ସେ ୱିଲ ୟଙ୍ଗଙ୍କ ସହ ମିଶି ୧୫୨ ବଲ୍‌ରେ ୧୬୨ ରନ୍‌ର ଭାଗୀଦାରୀ କରିଥିଲେ, ଯାହା ମ୍ୟାଚ୍‌କୁ ଭାରତର ହାତରୁ ସମ୍ପୂର୍ଣ୍ଣ ଛଡ଼ାଇ ନେଇଥିଲା। ଡାରିଲ ମିଚେଲ ୯୬ ବଲରେ ତାଙ୍କର ଶତକ ହାସଲ କରିଥିଲେ। ସେ ଭାରତ ବିପକ୍ଷରେ ତାଙ୍କର ଶେଷ ଚାରିଟି ଦିନିକିଆ ଇନିଂସ ମଧ୍ୟରୁ ତିନୋଟିରେ ଶତକ ହାସଲ କରିଛନ୍ତି।

# ପୁଣି ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ୍ ହେଲେ କୋହଲି

**ନୂଆଦିଲ୍ଲୀ**

୨୦୨୬ ପାଇଁ ଆଇସିସି ର‌୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ବର୍ଷ ଆରମ୍ଭରେ ନମ୍ବର ୱାନ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ପୂର୍ବରୁ ନମ୍ବର ୱାନ ସ୍ଥାନରେ ଥିବା ରୋହିତ ଶର୍ମା ଏବେ ତଳକୁ ଖସି ଯାଇଛନ୍ତି। ଭାରତ ବନାମ ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ସମୟରେ ଏହି ର‌୍ୟାଙ୍କିଙ୍ଗରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଉଛି। ଏହି ସିରିଜ ବର୍ତ୍ତମାନ ଚାଲିଛି, ତେଣୁ ଭବିଷ୍ୟତରେ ଆହୁରି ପରିବର୍ତ୍ତନ ଆଶା କରାଯାଉଛି।

ବିରାଟ କୋହଲି ଆଇସିସି ଦିନିକିଆ ର‌୍ୟାଙ୍କିଙ୍ଗରେ ନମ୍ବର ୱାନ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ୨୦୨୬ର ପ୍ରଥମ ମ୍ୟାଚ୍‌ରେ ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷରେ ୯୩ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ ଏବଂ ଏହା ତାଙ୍କ ପାଇଁ ସିଧାସଳଖ ଲାଭଦାୟକ ମନେ ହେଉଛି। କୋହଲିଙ୍କ ରେଟିଂ ଏବେ ୭୮୫କୁ ବୃଦ୍ଧି ପାଇଛି। ସେ ଦୀର୍ଘ ଦିନ ପରେ ପୁଣି ଥରେ ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଏଥର ସେ ଗୋଟିଏ ସ୍ଥାନ ଉନ୍ନତି କରିଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ମଧ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି।



ସେ ୭୮୪ ରେଟିଂ ସହିତ ଏବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହାର ଅର୍ଥ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ଥିବା ବ୍ୟାଟ୍ସମ୍ୟାନ ମଧ୍ୟରେ କେବଳ ଗୋଟିଏ ରେଟିଂ ପଏଣ୍ଟ ପାର୍ଥକ୍ୟ ଅଛି।

ରୋହିତ ଶର୍ମାଙ୍କ କଥା କହିବାକୁ ଗଲେ, ସେ ପୂର୍ବରୁ ଶୀର୍ଷରେ ଥିଲେ। କିନ୍ତୁ ଏବେ ସେ ଦୁଇ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି। ରୋହିତ ଶର୍ମା ନ୍ୟୁଜିଲାଣ୍ଡ ବିପକ୍ଷରେ ବର୍ଷର ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ। ସେହି ମ୍ୟାଚ୍‌ରେ, ୨୯ ବଲ୍‌ରେ ତାଙ୍କର ୨୬ ରନ୍‌ରେ ଇନିଂସ ଯଥେଷ୍ଟ ପ୍ରମାଣିତ ହେଲା। ରୋହିତଙ୍କ ରେଟିଂ ଏବେ ୭୭୫ରେ ପହଞ୍ଚିଛି, ଯାହା ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ଥିବା ବ୍ୟାଟ୍ସମ୍ୟାନଙ୍କ ତୁଳନାରେ ଯଥେଷ୍ଟ କମ୍। ଯଦି ରୋହିତ ପୁଣିଥରେ ଶୀର୍ଷ ସ୍ଥାନ ହାସଲ କରିବାକୁ ଚାହାନ୍ତି, ତେବେ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ପରବର୍ତ୍ତୀ ରେଟିଂ ପ୍ରକାଶିତ ହେବା ପର୍ଯ୍ୟନ୍ତ, ଭାରତ ବନାମ ନ୍ୟୁଜିଲାଣ୍ଡ ସିରିଜ ଶେଷ ହୋଇସାରିଥିବ। ଦୁଇଟି ମ୍ୟାଚ୍‌ରେ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଆଧାର କରି ର‌୍ୟାଙ୍କିଙ୍ଗ ଏବଂ ରେଟିଂ ନିର୍ଣ୍ଣୟ କରାଯିବ।

ବିରାଟ କୋହଲିଙ୍କ କଥା କହିବାକୁ ଗଲେ, ସେ ୧୪୦୩ ଦିନର ବ୍ୟବଧାନ ପରେ ଆଇସିସି ଦିନିକିଆ ର‌୍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। କୋହଲି ତାଙ୍କ ଜଣାଶୁଣା ଶୈଳୀରେ ବ୍ୟାଟିଂ କରିବାକୁ କେତେ ସମୟ ସକ୍ଷମ ହୋଇଛନ୍ତି। ଗତ ପାଞ୍ଚଟି ମ୍ୟାଚ୍‌ରେ ବିରାଟ କୋହଲି ୫୦ ରନ୍‌ରୁ କମ ରନ୍‌ରେ ଆଉଟ ହୋଇନାହାନ୍ତି। ଏହା ତାଙ୍କୁ ସିଧାସଳଖ ଲାଭ ଦେଇଛି।

# ଟି-୨୦ ବିଶ୍ୱକପ ୨୦୨୬ର ପ୍ରସ୍ତୁତି ଲାଗି ବଡ଼ ପଦକ୍ଷେପ ଉଠାଇଲା ଅଷ୍ଟ୍ରେଲିଆ



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍ ୨୦୨୬ର ଠିକ୍ ପୂର୍ବରୁ ଅଷ୍ଟ୍ରେଲିଆ କ୍ରିକେଟ୍ ଟିମ୍ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ପାକିସ୍ତାନ ଗସ୍ତ କରିବ। ଟି-୨୦ ବିଶ୍ୱକପର ପ୍ରସ୍ତୁତି ପାଇଁ ଏହି ସିରିଜ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ଯାହା ଅଷ୍ଟ୍ରେଲିଆକୁ ଉପମହାଦେଶର ପିଚ୍ ସହିତ ଖାପ୍ ଖୁଆଇବାର ସୁଯୋଗ ଦେବ। ପିସିବି ମ୍ୟାଚ୍ ପାଇଁ ତାରିଖ ଘୋଷଣା କରିଛି।

ଅଷ୍ଟ୍ରେଲିଆ କ୍ରିକେଟ୍ ଟିମ୍ ଜାନୁଆରୀ ୨୮ରେ ଲାହୋରରେ ପହଞ୍ଚିବ। ଏହି ସିରିଜ୍ ଅଷ୍ଟ୍ରେଲିଆ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ବିଶେଷ କରି ଅନେକ ପ୍ରମୁଖ ଖେଳାଳି ବର୍ତ୍ତମାନ ସୁସ୍ଥ ହେବା ସମୟରେ ଅଛନ୍ତି। ଅଷ୍ଟ୍ରେଲିଆର ଜୋଶ ହେଜଲଉଡ୍, ପ୍ୟାଟ୍ କମିନ୍ସ, ଟିମ୍ ଡେଭିଡ୍ ସୁସ୍ଥ ହେଉଛନ୍ତି। ପାକିସ୍ତାନର ଶାହିନ ଶାହ ଆଫ୍ରିଦି ମଧ ଆହତ ହୋଇଛନ୍ତି। ବିଗ୍ ବ୍ୟାଶ୍ ଲିଗ୍ ଖେଳିବା ସମୟରେ ତାଙ୍କ ଶରୀରରେ ଆଘାତ ଲାଗିଥିଲା। ଏହି ସିରିଜ୍ ଉଭୟ ଦଳ ପାଇଁ ୨୦୨୬ ଟି୨୦ ବିଶ୍ୱକପ୍ ପୂର୍ବରୁ ପରୀକ୍ଷା କରିବାର ଏକ ଭଲ ସୁଯୋଗ ହେବ।

ଟି-୨୦ ବିଶ୍ୱକପ୍ ୨୦୨୬ ଫେବୃୟାରୀ ୭ତାରିଖରୁ ଆରମ୍ଭ ହେବ। ଯେଉଁଥିରେ ମୋଟ ୨୦ଟି ଟିମ୍ ଅଂଶଗ୍ରହଣ କରିବେ। ପାକିସ୍ତାନ ଗ୍ରୁପ୍ ଏ'ରେ ଥିବାବେଳେ ଅଷ୍ଟ୍ରେଲିଆ ଗ୍ରୁପ୍ ବି'ରେ ଅଛି। ପିସିବିର ସିଓଓ ସୁମୈର ଅହମ୍ମଦ ସୟଦ ଅତିଥି ଦଳର ସ୍ୱାଗତ କରିଛନ୍ତି ଏବଂ ଏହି ସିରିଜକୁ ପାକିସ୍ତାନୀ କ୍ରିକେଟ୍ ପ୍ରେମୀଙ୍କ ପାଇଁ ଏକ ପ୍ରମୁଖ ଇଭେଣ୍ଟ ବୋଲି କହିଛନ୍ତି।

ସେ କହିଛନ୍ତି, 'ଆମେ ଲାହୋରରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ଅଷ୍ଟ୍ରେଲିଆକୁ ଆତିଥ୍ୟ ଦେବାକୁ ଉତ୍ସାହିତ। ଏହି ଗସ୍ତ ପାକିସ୍ତାନ କ୍ରିକେଟ୍ ଫ୍ୟାନ୍ସଙ୍କ ପାଇଁ ବର୍ଷର ଏକ ମହାନ ଆରମ୍ଭ। ମୁଁ ସେମାନଙ୍କୁ କହିବାକୁ ଚାହିଁବି ସିରିଜ୍ ସମୟରେ ବହୁଳ ସଂଖ୍ୟାରେ ଆସି ଉଭୟ ଟିମ୍‌ର ଉତ୍ସାହ ବଢାନ୍ତୁ। କାରଣ ଏହା ଟି-୨୦ ବିଶ୍ୱକପର ଶେଷ ରୂପ ଦେଉଛି।

## ଭାରତ ପାଇଁ ନିନ୍ଦା ଆଣିଲା ଦିଲ୍ଲୀ ବାୟୁ ପ୍ରଦୂଷଣ

# ଇଣ୍ଡିଆ ଓପନରୁ ଓହରିଲେ ବିଶ୍ୱର ୨ ନମ୍ବର ଖେଳାଳି

**ନୂଆଦିଲ୍ଲୀ**

ଦିଲ୍ଲୀରେ ଭୟାଭୟ ବାୟୁ ପ୍ରଦୂଷଣ ଏବେ ଭାରତ ସରକାରଙ୍କ ତଣ୍ଟିରେ କଣ୍ଟା ଭଳି ଲାଗିଛି। ପୂର୍ବରୁ ଏହାକୁ ନେଇ ଦିଲ୍ଲୀ ସରକାର ସମାଲୋଚନା ସହୁଥିବା ବେଳେ ଏବେ ଭାରତ ସରକାର ମଧ ଏହାର ସାମ୍ନା କରିଛନ୍ତି। ବାୟୁ ପ୍ରଦୂଷଣକୁ କାରଣ ଦର୍ଶାଇ ଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଓପନରୁ ଓହରିଛନ୍ତି ବିଶ୍ୱର ୨ ନମ୍ବର ଖେଳାଳି।

ରିପୋର୍ଟ ଅନୁସାରେ ରାଜଧାନୀ ଦିଲ୍ଲୀର ଭୟାବହ ବାୟୁ ପ୍ରଦୂଷଣ ଏବଂ ଖେଳାଳିଙ୍କ ରହିବା ଓ ଅଭ୍ୟାସ ସ୍ଥଳରେ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହି କାରଣରୁ ବିଶ୍ୱର ଦ୍ୱିତୀୟ ମାନ୍ୟତା ପ୍ରାପ୍ତ ଡେନମାର୍କ



ବ୍ୟାଡ୍‌ମିଣ୍ଟନ ତାରକା ଆଣ୍ଡର୍ସ ଆଣ୍ଟୋନସେନ୍ ଚଳିତ 'ଇଣ୍ଡିଆ ଓପନ୍ ୨୦୨୬'ରୁ ନିଜ ନାମ ପ୍ରତ୍ୟାହାର କରିନେଇଛନ୍ତି।

ଆଣ୍ଟୋନସେନ୍ ସୋସିଆଲ ମିଡିଆରେ ଜଣାଇଛନ୍ତି ଯେ, ଦିଲ୍ଲୀର ଅତ୍ୟଧିକ ପ୍ରଦୂଷଣ କାରଣରୁ ଲଗାତାର ତୃତୀୟ ବର୍ଷ ପାଇଁ ସେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉନାହାନ୍ତି। ତାଙ୍କ ମତରେ ଏଭଳି ପରିବେଶ ବ୍ୟାଡମିଣ୍ଟନ ଖେଳ ପାଇଁ ଆଦୌ ଉପଯୁକ୍ତ ନୁହେଁ। ଟୁର୍ଣ୍ଣାମେଣ୍ଟରୁ ଓହରିଯିବା କାରଣରୁ ବିଶ୍ୱ ବ୍ୟାଡ୍‌ମିଣ୍ଟନ ମହାସଂଘ (ବିଡବ୍ଲୁଏଫ) ତାଙ୍କ ଉପରେ ପ୍ରାୟ ୪.୧୫ ଲକ୍ଷ ଟଙ୍କାର ଜରିମାନା ଲଗାଇଛି।

ଅନ୍ୟତମ ଡେନମାର୍କ ଖେଳାଳି ମିଆ ବ୍ଲିଚଫେଲ୍ଟ ମଧ ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମର ପରିବେଶକୁ ନେଇ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ୱାର୍ମ-ଅପ୍ ଏରିଆ ଅତ୍ୟନ୍ତ ଅପରିଷ୍କାର ଏବଂ କୋର୍ଟ ଉପରେ ପାରା ମଳ ପଡ଼ିଥିବାର ଦେଖିବାକୁ ମିଳିଛି।

ତେବେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ (ବିଏଆଇ) ଏହି ଅଭିଯୋଗକୁ ଖଣ୍ଡନ କରିଛି। ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର କହିଛନ୍ତି ଯେ, ମୁଖ୍ୟ ଖେଳାଳି କୋର୍ଟ ସମ୍ପୂର୍ଣ୍ଣ ପରିଷ୍କାର ରହିଛି। ଖେଳାଳି ମାନେ କେବଳ ଅଭ୍ୟାସ କୋର୍ଟର କିଛି ସମସ୍ୟା ବିଷୟରେ କହୁଛନ୍ତି, ଯାହାକୁ ସଂଶୋଧନ କରାଯାଉଛି।

ଆଗାମୀ ଅଗଷ୍ଟ ମାସରେ ଦିଲ୍ଲୀରେ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ ଅନୁଷ୍ଠିତ ହେବାକୁ ଥିବାବେଳେ ଏଭଳି ଅଭିଯୋଗ ଆୟୋଜକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

# ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ଚାମ୍ପିୟନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣମେଣ୍ଟର ଫାଇନାଲ୍ ମ୍ୟାଚ୍ରେ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ପ୍ରତିପକ୍ଷ ରାଇଜିଂ ଷ୍ଟୁଡ଼େଣ୍ଟ କଟକକୁ ପରାଜିତ କରି ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ହାସଲ କରିଛି। ଫାଇନାଲ୍ ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୩୩ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ୩୯ ବଲରେ ୮୦ ରନ୍ ଏବଂ ସତ୍ୟକାମ ଭରଦ୍ୱାଜ ୧୫ ବଲ୍ରେ ୪୭ ରନ୍ କରିଥିଲେ। ୨୩୪ ରନର ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ଦଳ ୧୮.୨ ଓଭରରେ ୧୩୬ ରନ୍ କରି ମ୍ୟାଚ୍‌କୁ ୯୭ ରନରେ ହାରି ଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ବିଶ୍ୱଜିତ୍ ମୁଖାର୍ଜୀ ୨୫ ଓ ସ୍ୱପ୍ ସମିତ୍ ଭୂୟାଁ ୧୮ ରନ୍ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ମହମ୍ମଦ ଅର୍ବାଜ୍ ମନ୍‌ସୁନ୍ ୪ ଓ ସାହିଲ ଖାନ୍ ଗୋଟିଏ ଉଇକେଟ ନେଇଥିଲେ। ବିଭାସ୍ ଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ୍ ରାଉତରାୟ, ବରେଣ୍ୟ ଅତିଥି ଅତିରିକ୍ତ ଏସ୍ପି ଅଂଶୁମାନ ଦ୍ୱିବେଦୀ, ସମ୍ମାନନୀୟ ଅତିଥି ଭାବେ ତୋଷାଳୀ ସୁଜୁକୀର ଓନର୍ ଗୌରାଙ୍ଗ ଚନ୍ଦ୍ର ସାମଲ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଅଧ୍ୟାପକ ବୁଲୁ ମହାନ୍ତି ପରିଚାଳନା କରିଥିଲେ। ମ୍ୟାଚ୍‌କୁ ଲଲାଟ କେଶରୀ ନନ୍ଦ ଏବଂ ସତ୍ୟବ୍ରତ ମହାପାତ୍ର ଅମ୍ପାୟାର୍ ଭାବେ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ମ୍ୟାଚ୍ ରେଫେରୀ, ଓ କରନ୍ ଖାନ୍ ସ୍କୋରର ଥିଲେ। ଶ୍ରୀଧର ମିଶ୍ର ଏବଂ ମୃଣ୍ମୟ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ୯୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୨୫-୧୦୨୬ ବିଦ୍ୟାଳୟର କ୍ରୀଡ଼ା ପ୍ରାନ୍ତରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପତାକା ଉତ୍ତୋଳନ ପୂର୍ବକ କ୍ରୀଡ଼ାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଶିକ୍ଷା ଜିଲ୍ଲା କ୍ରୀଡ଼ା ଅଧିକାରୀ ରାମକୃଷ୍ଣ ବେହେରା ଓ ତାଙ୍କ ସହିତ ସଂକୁଳ ସ୍ତରୀୟ ସଂଯୋଜକ ମୋନାଲିସା ଶତପଥୀ, ମୋଚିବନ୍ଧ, ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କ୍ରୀଡ଼ାର ଉପାଦେୟତା ସହ କ୍ରୀଡ଼ା ମନସ୍କ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୩୮୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି, ସଭା ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ତରୁଶୋଭାମୟୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଚାରକ ଭାବେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସୁଚିନ୍ତିତ ବିଚାର ପୂର୍ବକ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଅକୁଣ୍ଠ ଚିତରେ ସହଯୋଗ କରିଥିଲେ।

ପିଏମ୍ ଶ୍ରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତଙ୍କ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଆଗାମୀ ସମୟରେ ସେମାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆଶାପୋଷଣ କରିଥିଲେ। ଏଥି ସହିତ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କ ପାଠ ପଢା ସହିତ ଖେଳର ଅବାଶ୍ୟକତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ ଏବଂ ମାନସିକ ଶିକ୍ଷାର ଅଭିବୃଦ୍ଧି ନଘଟିଲେ ଶିକ୍ଷା ପୂର୍ଣ୍ଣାଙ୍ଗ ପ୍ରାପ୍ତି ହୋଇ ନଥାଏ ବୋଲି କହିଥିଲେ। ଆଗାମୀ ଦିନରେ କେନ୍ଦୁଝର ଏକ କ୍ରୀଡ଼ାର ହବ୍ ହେବାକୁ ଯାଉଥିବାରୁ ସେ ବର୍ତ୍ତମାନର ସରକାରଙ୍କୁ ବଧାଇ ଜଣାଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା ପରିଷଦ ଅଧକ୍ଷ ନିରଞ୍ଜନ ସାହୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଏହି କ୍ରୀଡ଼ା ଉତ୍ସବରେ କନିଷ୍ଠ ବାଳକ ବିଭାଗରେ ବନସିଂ ମୁଣ୍ଡା ଓ କନିଷ୍ଠ ବାଳିକା ବିଭାଗରେ ଅଞ୍ଜନା ନାଏକ ତଥା ବରିଷ୍ଠ ବାଳକ ବିଭାଗରେ ବାଦଲ କୁମାର ନାଏକ ଓ ବରିଷ୍ଠ ବାଳିକା ବିଭାଗରେ ବର୍ଷାରାଣୀ ନାୟକ ଏ ବର୍ଷର ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ।

ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ସମସ୍ତ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡ଼ା ଶିକ୍ଷୟତ୍ରୀ ପ୍ରଜ୍ଞାବତୀ ସିଂହ ଏବଂ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ ପ୍ରଧାନ ଶିକ୍ଷକ ପ୍ରବିର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାମକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଭେଲଙ୍ଗ ଗ୍ରାମସ୍ଥ ରାମକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ତଥା ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଓ ନରସିଂହ ଚୌଧୁରୀ ମହାବିଦ୍ୟାଳୟର କ୍ରୀଡ଼ା ବିଭାଗର ଅଧ୍ୟାପକ ରଞ୍ଜନ କୁମାର ସୂତାର ଯୋଗଦେଇ ୧୪୦ଜଣ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହିତ କ୍ରୀଡ଼ା ଜୀବନରେ ଶିକ୍ଷା ସହ କ୍ରୀଡ଼ାର ଗୁରୁତ୍ୱ ବିଷୟରେ ଆଲୋକ ପାତ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମଞ୍ଜରୀ ଦଳାଇ, ବରିଷ୍ଠ ଶିକ୍ଷକ କେଶବ ଚନ୍ଦ୍ର ସାହୁ, ଶିକ୍ଷକ ପ୍ରଫୁଲ୍ଲ କୁମାର ନାଥ, ବିରଞ୍ଚି ନାରାୟଣ ମହଲା, ପ୍ରିୟତମ କାଣ୍ଡି, ଶୁଭ୍ରାଂଶୁ ଭୂଷଣ ନାୟକ, ବିଷ୍ଣୁପ୍ରିୟା ସାହୁ, ଝରିଲତା ସାହୁ, ବସୁମତୀ ପଣ୍ଡା ଏବଂ ଶିକ୍ଷାକର୍ମଚାରୀ ଜନ୍ମେଜୟ ସ୍ୱାଇଁ, ପ୍ରତାପ କୁମାର ସାହୁ, ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରମ୍ଭାରେ ବାର୍ଷିକ କ୍ରୀଡ଼ା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରମ୍ଭାରେ ଅଧକ୍ଷ ଶ୍ରୀ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ବାର୍ଷିକ କ୍ରୀରା ଓ ସାଂସ୍କୃତିକ ବିଚିତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପାଖରେ ମଞ୍ଚାସୀନ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ ସହ ସଭାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱନାଥ ରଥ (ବେଦ ମନ୍ତ୍ର) ଉଚ୍ଚାରଣ କରିଥିବା ବେଳେ ଶିକ୍ଷାନୁଷ୍ଠାନ କଳାକାର ଛାତ୍ରୀ ତଥା ଇତିଶ୍ରୀ, ସୌମ୍ୟଶ୍ରୀ, ପିଙ୍କି, ବର୍ଷାରାଣୀ, ସଂଘମିତ୍ରା, ପୂଜା, ଚିନୁ, ଚିନ୍ମୟୀ ମାନଙ୍କୁ ନେଇ ପ୍ରାରମ୍ଭିତ ସଂଗୀତ ଗାନ କରାଯାଇଥିଲା। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜୀବ ବିଜ୍ଞାନ ଡେମନଷ୍ଟ୍ରେଟର ବିଚିତ୍ରା ନନ୍ଦ ସାହୁ ଦେଇଥିବା ବେଳେ ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମ୍ଭା ଏନଏସି ଅଧକ୍ଷା




ମାନସୀ ସ୍ୱାଇଁ (ମୁଖ୍ୟ ଅତିଥି), ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର ଅଧକ୍ଷ ଡଃ ଅଜୟ କୁମାର ତ୍ରିପାଠୀ (ମୁଖ୍ୟ ବକ୍ତା), ପ୍ରତିଷ୍ଠାତା ତଥା ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର, ପ୍ରାକ୍ତନ ଅଧକ୍ଷ ଡଃ ରଞ୍ଜନ କୁମାର ଦାସ, ପ୍ରାକ୍ତନ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଗୌଡ଼ ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବକ୍ତା ଭିନ୍ନଭିନ୍ନ ଭାଷଣ ପ୍ରସଙ୍ଗରେ ଚିକାଗୋ ସହରରେ ସ୍ୱାମୀ ବିବେକାନନ୍ଦ ଆଧାତ୍ମିକ ପ୍ରଚାର, ସାଧୁତା ଓ ଚରିତ୍ର ବଳ ଆଜି ବିରଳ, ଭାରତ ବିଶ୍ୱ ଗୁରୁ ହେବା ପାଇଁ ୨୦୪୭ ମସିହା ସୁଧା ମୋଦିଜୀଙ୍କ ଶପଥ ପାଠ ଉପରେ ଆଲୋକପାତ କରାଯାଇଥିଲା। ଏଥି ସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତକାର୍ଯ୍ୟ ଛାତ୍ର ଛାତ୍ରୀମାନଙ୍କୁ ମଞ୍ଚାସୀନ ବ୍ୟକ୍ତିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଧାପିକା ସୁଶ୍ରୀ, ଐଶ୍ୱର୍ଯ୍ୟା ଶାଳଗ୍ରାମ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। ପରିଶେଷରେ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ବିଜୟାନନ୍ଦ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶନାରେ କଳାକାର ଛାତ୍ରଛାତ୍ରୀମାନଙ୍କୁ ନେଇ ପଞ୍ଚ କୁମାରୀ, ଦାସ କାଟିଆ, କାଳିଜାଇ ଓ କ୍ଷୁଦ୍ର ନାଟକ ସହିତ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ଚକିତ କରିଦେଇଥିଲା।

# ଏସିଆନ ଗେମ୍ସ ୨୦୨୬ : ୧୦ ଦଳ ମଧ୍ୟରେ ହେବ କଡ଼ା ଟକ୍କର

**ନୂଆଦିଲ୍ଲୀ**

ଏସିଆନ ଗେମ୍ସ ୨୦୨୬ରେ କ୍ରିକେଟର ରୋମାଞ୍ଚ ଏଥର ଜାପାନରେ ଦେଖିବାକୁ ମିଳିବ। ଏସୀୟ କ୍ରୀଡ଼ାର ଆୟୋଜକମାନେ କ୍ରିକେଟ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି, ଯେଉଁଥିରେ ୧୭ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ଜାପାନର ଆଇୟାଚି-ନାଗୋୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବର ନଅ ଦିନ ପୂର୍ବରୁ ଆରମ୍ଭ ହେବ, ଅନ୍ୟ କିଛି ଖେଳ ପରି ନୁହେଁ। ମହିଳା କ୍ରିକେଟ ପ୍ରତିଯୋଗିତା ୧୭ ସେପ୍ଟେମ୍ବରରୁ ଆରମ୍ଭ ହେବ, ପଦକ ମ୍ୟାଚ୍ ୨୨ ସେପ୍ଟେମ୍ବରରୁ ଆରମ୍ଭ ହେବ। ପ୍ରତିଯୋଗିତାରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ, ଯେଉଁଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଭାବରେ ପ୍ରବେଶ କରିବ। ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏକ ସିଧାସଳଖ ନକଆଉଟ ଫର୍ମାଟ ହେବ, ଯାହା କ୍ୱାର୍ଟରଫାଇନାଲ ସହିତ ଆରମ୍ଭ ହେବ, ଅର୍ଥାତ୍ ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ହୋଇଯିବେ। ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୪ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି, ପଦକ ମ୍ୟାଚ୍ ୩ ଅକ୍ଟୋବରରୁ ଆରମ୍ଭ ହେବ। ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଯଦି ପୁରୁଷ ପ୍ରତିଯୋଗିତା ୨୦୨୩ ହାଙ୍ଗଝୁ ଏସୀୟ ଖେଳ ପରି ହୁଏ, ତେବେ ଶୀର୍ଷ ଚାରିଟି ସିଡ ଦଳ ସିଧାସଳଖ କ୍ୱାର୍ଟରଫାଇନାଲକୁ ଯିବେ। ବାକି ଛଅଟି ଦଳ ଚାରିଟି କ୍ୱାର୍ଟରଫାଇନାଲିଷ୍ଟ ନିର୍ଣ୍ଣୟ କରିବା ପାଇଁ ପ୍ରାରମ୍ଭିକ ମ୍ୟାଚ ଖେଳିବେ। ସମସ୍ତ ମ୍ୟାଚ ଦିନ ଡବଲ-ହେଡର ହେବ। ସକାଳ ମ୍ୟାଚ୍ ସ୍ଥାନୀୟ ସମୟ ସକାଳ ୯:୦୦ଟାରେ ଆରମ୍ଭ ହେବ, ଯାହା ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୫:୩୦। ଅପରାହ୍ଣ ମ୍ୟାଚ୍ ଜାପାନରେ ଅପରାହ୍ଣ ୨:୦୦ ଟାରେ କିମ୍ବା ଭାରତୀୟ ସମୟ ଅନୁସାରେ ସକାଳ ୧୦.୩୦ରେ ଆରମ୍ଭ ହେବ। ସମସ୍ତ ମ୍ୟାଚ ଆୟୋଚି ପ୍ରିଫେକ୍ଚରର କୋରୋଗି ଆଥଲେଟିକ ପାର୍କରେ ଖେଳାଯିବ।

# ଗମ୍ଭୀର ଓ କୋହଲିଙ୍କ ଡ୍ରେସିଂ ରୁମ୍‌ର ରାଜ୍ ଖୋଲିଲେ ବ୍ୟାଟିଂ କୋଚ୍

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଷ୍ଟାର ଖେଳାଳି ବିରାଟ କୋହଲିଙ୍କ ମଧ୍ୟରେ ସବୁକିଛି ଠିକ୍ ନାହିଁ। ସେମାନେ ପରସ୍ପରକୁ ଆଦୌ ପସନ୍ଦ କରନ୍ତି ନାହିଁ। ସେମାନଙ୍କ ସମ୍ପର୍କ ଏତେ ଖରାପ ହୋଇଯାଇଛି ଯେ ବିରାଟ ଏବଂ ଗୌତମ ପରସ୍ପର ସହିତ କଥାବାର୍ତ୍ତା ମଧ ହୁଅନ୍ତି ନାହିଁ। ଆପଣ ସୋସିଆଲ ମିଡିଆରେ ଏହି ସମସ୍ତ କଳ୍ପନାଜଳ୍ପନା ଏବଂ ଗୁଜବ ଶୁଣିଥିବେ। କିନ୍ତୁ ବର୍ତ୍ତମାନ, ଡ୍ରେସିଂ ରୁମ୍‌ରୁ ଏକ ଖବର ଆସିଛି ଯାହା ସମସ୍ତ ଆଲୋଚନାର ଅନ୍ତ ଘଟାଇବ। ଭାରତୀୟ ଦଳର ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକ ବିରାଟ-ଗମ୍ଭୀର ସମ୍ପର୍କ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି।

ଭାରତର ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକ ବିରାଟ କୋହଲି, ରୋହିତ ଶର୍ମା ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଫାଟ ହେବାର ଅନୁମାନକୁ ଖାରଜ କରି କହିଛନ୍ତି ଯେ ଉଭୟ ଅଭିଜ୍ଞ ଖେଳାଳି ଦଳର ଦୀର୍ଘକାଳୀନ ଯୋଜନାରେ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ। କୋଟାକ କହିଛନ୍ତି ଯେ ବିରାଟ କୋହଲି ଏବଂ ରୋହିତ ଶର୍ମା ଭାରତର ଏକଦିବସୀୟ ରଣନୀତି ଏବଂ ଆଗାମୀ ବର୍ଷ ବିଶ୍ୱକପ ପାଇଁ ପ୍ରସ୍ତୁତିରେ ସମ୍ପୂର୍ଣ୍ଣ ଜଡ଼ିତ। ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଏକଦିବସୀୟ ପୂର୍ବରୁ କହିଥିଲେ: ସେମାନେ ରଣନୀତି ପ୍ରସ୍ତୁତ କରନ୍ତି। ବର୍ତ୍ତମାନ ସେମାନେ ସମାନ ଫର୍ମାଟ ଖେଳୁଥିବାରୁ, ସେମାନେ ଚାହାନ୍ତି ଯେ ଭାରତ ପ୍ରତ୍ୟେକ ମ୍ୟାଚ୍ ଜିତିବ। ଉଭୟଙ୍କର ଏତେ ଅଭିଜ୍ଞତା ଅଛି ଯେ ସେମାନେ ଅନ୍ୟ ଖେଳାଳିଙ୍କ



ସହିତ ସେମାନଙ୍କର ଚିନ୍ତାଧାରା ଏବଂ ଆଲୋଚନା ବାଣ୍ଟିଥାନ୍ତି। ସେମାନେ ଗୌତମଙ୍କ ସହିତ ଓଡିଆଇ ଫର୍ମାଟ ଏବଂ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ବିଶ୍ୱକପ ପାଇଁ ଆମର ରଣନୀତି ବିଷୟରେ ଆଲୋଚନା କରନ୍ତି। ମୁଁ ପ୍ରାୟତଃ ସେଠାରେ ଥାଏ, ଏବଂ ଯଦି ମୁଁ ଶୁଣୁଛି, ସେମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥାନ୍ତି। ମୁଁ ସର୍ବଦା ସେମାନଙ୍କୁ କଥାବାର୍ତ୍ତା କରୁଥିବାର ଦେଖେ। ଆପଣ ସୋସିଆଲ ମିଡିଆରେ ବହୁତ କିଛି ଦେଖନ୍ତି, କିନ୍ତୁ ମୁଁ ଏହାକୁ ଦେଖିବାରୁ ବଞ୍ଚିତ ହୁଏ। ମୁଁ ଯାହା ଦେଖୁଛି, ସେଥିରେ ବହୁତ ସକାରାତ୍ମକ ଜିନିଷ ଅଛି। ଗତ କିଛି ମାସ ଧରି, କୋହଲି, ରୋହିତ ଏବଂ ନୂତନ ପ୍ରଶିକ୍ଷକ ଦଳର ସମୀକରଣ ବିଷୟରେ ବହୁତ ଆଲୋଚନା ହୋଇଛି। କୋଟାକ କହିଛନ୍ତି ଯେ ମାର୍ଚ୍ଚରେ ଟି୨୦ ବିଶ୍ୱକପ ଶେଷ ହେବା ପରେ, ଭାରତକୁ ୩୪ତମ ଓଭର ପରେ ଏକ ନୂତନ ବଲର ନିୟମକୁ ମନେ ରଖି ତା'ର ବ୍ୟାଟିଂ ପୁନଃ କାର୍ଯ୍ୟ କରିବାକୁ ପଡ଼ିବ। ପରିବର୍ତ୍ତିତ ଖେଳ ପରିସ୍ଥିତି ସହିତ, ବୋଲିଂ ଦଳକୁ ଏବେ ୩୫ତମ ଏବଂ ୫୦ତମ ଓଭର ମଧ୍ୟରେ ଦୁଇଟି ବଲ ବାଛିବାକୁ ପଡ଼ିବ।

# ଡବ୍ଲୁପିଏଲ୍ : ଡେବ୍ୟୁ ମ୍ୟାଚ୍‌ରେ ରିଟାୟାର୍ଡ ଆଉଟ୍ ହେଲେ ଆୟୁଷୀ ସୋନି

**ନୂଆଦିଲ୍ଲୀ**

ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ରେ ପ୍ରଥମ ବ୍ୟାଟର ଭାବେ ରିଟାୟାର୍ଡ ଆଉଟ୍ ହୋଇଛନ୍ତି ଗୁଜରାଟ ଜାଏଣ୍ଟ୍ସର ଆୟୁଷୀ ସୋନି। ସେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। ଅନୁଷ୍କା ଶର୍ମା ଆହତ ହୋଇ ବାଦ୍ ପଡ଼ିବା ଫଳରେ ତାଙ୍କୁ ସୁଯୋଗ ମିଳିଥିଲା। ସେ ୬ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ସଂଘର୍ଷ କରିଥିଲେ। ୧୪ଟି ବଲ୍ ଖେଳି ୧୧ରନ୍ କରିଥିବା ବେଳେ ତାଙ୍କୁ ଦଳ ପକ୍ଷରୁ ରିଟାୟାର୍ଡ ଆଉଟ୍ କରାଯାଇଥିଲା।

ମହିଳା ଟି-ଟ୍ୱେଣ୍ଟି ଲିଗ୍‌ରେ ଏହା ଦ୍ୱିତୀୟ ଘଟଣା। ୨୦୨୪ ଦ ହଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟରେ ମାଞ୍ଚେଷ୍ଟର ଅରିଜିନାଲ୍ସ ପକ୍ଷରୁ ଖେଳିଥିବା କ୍ୟାଥେରିନ୍ ବ୍ରାଏସ୍ ନଦର୍ଣ୍ଣ ସୁପରଚାର୍ଜସ ବିପକ୍ଷ ମ୍ୟାଚ୍ରେ ରିଟାୟାର୍ଡ ଆଉଟ୍ ହୋଇଥିଲେ। ଚଳିତ ବର୍ଷ ବିଭିନ୍ନ ଘରୋଇ ପୁରୁଷ ଟି-ଟ୍ୱେଣ୍ଟିରେ ଇତିମଧ୍ୟରେ ୬ଜଣ ବ୍ୟାଟର ରିଟାୟାର୍ଡ ଆଉଟ୍ ହୋଇ ସାରିଲେଣି। ବିଗ୍ ବାଶ୍ ଲିଗ୍‌ରେ ପାକିସ୍ତାନର ଷ୍ଟାର ଖେଳାଳି ମହମ୍ମଦ ରିଜୱାନ୍‌ଙ୍କ ମଧ୍ୟକ୍ରମରେ ଲଢ଼ିବା ପରେ ଅବସର



ନେବାକୁ ପଡ଼ିଥିଲା। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଅଷ୍ଟ୍ରେଲିଆରେ ରିଜୱାନ୍‌ଙ୍କ ଗୋଟିଏ ଦିନ ପରେ, ଭାରତର ଆଉ ଜଣେ ଖେଳାଳି ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ ୨୦୨୬)ରେ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଆୟୁଷୀ ସୋନିଙ୍କୁ ମଧ୍ୟକ୍ରମରେ ଲଢ଼ିବା ପରେ ଅବସର ନେବାକୁ ପଡିଥିଲା। ଏହି ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ବ୍ୟାଟ୍ସମ୍ୟାନ ଭାବେ ସେ ତାଙ୍କର ଡେବ୍ୟୁ ମ୍ୟାଚ୍ ଖେଳିଥିଲେ।

୧୧ତମ ଓଭରରେ ଆୟୁଷୀଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲା। ସେତେବେଳକୁ ଗୁଜୁରାଟ ୧୦.୧ ଓଭରରେ ୯୭ ରନ୍ କରିସାରିଥିଲା। ଦିଲ୍ଲୀର ୨୫ ବର୍ଷୀୟା ଆୟୁଷୀ ଏପରି ସୁଯୋଗରେ ନିଜକୁ ପ୍ରମାଣିତ କରିବାକୁ ଆଶା କରିଥାଇପାରନ୍ତି, କିନ୍ତୁ କ୍ରିଜ୍‌ର ପାଦ ଦେବା ପରେ ସବୁକିଛି ତାଙ୍କ ଇଚ୍ଛାରେ ନଥିଲା। ଆୟୁଷୀ ଛଅ ଓଭର ପାଇଁ କ୍ରିଜ୍‌ରେ ରହି ୧୪ଟି ବଲ୍ ଖେଳିଥିଲେ, କିନ୍ତୁ ଭଲ ପ୍ରଦର୍ଶନ କରିନଥିଲେ। ଆୟୁଷୀ ବିନା ବାଉଣ୍ଡ୍ରୀରେ କେବଳ ୧୧ ରନ୍ କରିଥିଲେ।





# ଓଡ଼ିଶାରେ ବକ୍ସାଇଟ୍ ସନ୍ଧାନ ଏବଂ ଅନୁସନ୍ଧାନ ପାଇଁ ସାଟେଲାଇଟ୍‌ଆଧାରିତ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଆଇଆଇଟି ଭୁବନେଶ୍ୱର ପୁରସ୍କୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚତୁର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ସମ୍ମିଳନୀ ୨୦୨୬ରେ ଜର୍ଣ୍ଣାଲ ଅଫ୍ ଜିଓକେମିକାଲ୍ ଏକ୍ସପ୍ଲୋରେସନ୍‌ରେ ପ୍ରକାଶିତ ଓଡ଼ିଶାରେ ବକ୍ସାଇଟ୍ ପ୍ରୋସ୍ପେକ୍ଟିଂ ଏବଂ ଅନୁସନ୍ଧାନ ପାଇଁ ସାଟେଲାଇଟ୍-ଆଧାରିତ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସହାୟକ ପ୍ରଫେସର ଡକ୍ଟର ଅଶିମ ସତ୍ତାରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଇଥିଲେ।

ଡକ୍ଟର ଅଶିମ ସତ୍ତାର ଏବଂ ତାଙ୍କ ଗବେଷଣା ଦଳ ଉନ୍ନତ ହାଇପରସ୍ପେକ୍ଟ୍ରାଲ୍ ସାଟେଲାଇଟ୍ ରିମୋଟ୍ ସେନ୍ସିଂ ବ୍ୟବହାର କରି ଓଡ଼ିଶାର କୋରାପୁଟ ଏବଂ ରାୟଗଡ଼ା ଜିଲ୍ଲାରେ ଆଞ୍ଚଳିକ ସ୍ତରରେ ସମ୍ଭାବ୍ୟ ବକ୍ସାଇଟ୍ ଜମା ସ୍ଥାନଗୁଡ଼ିକୁ ସଫଳତାର ସହ ଚିହ୍ନଟ କରିଛନ୍ତି। ଏହି ଅଧ୍ୟୟନରେ ହାଇପରସ୍ପେକ୍ଟ୍ରାଲ୍ ସାଟେଲାଇଟ୍ ତଥ୍ୟ, କ୍ଷେତ୍ର ସର୍ବେକ୍ଷଣ, ଭୂରାସାୟନିକ ଏବଂ ପେଟ୍ରୋଗ୍ରାଫିକ୍ ମୂଲ୍ୟାୟନ ଏବଂ ପରୀକ୍ଷାଗାର ବର୍ଣ୍ଣାଳୀ ଅଧ୍ୟୟନକୁ ଏକୀକୃତ କରାଯାଇଥିଲା। ଏକତ୍ର, ଏହି କୌଶଳଗୁଡ଼ିକ ସମ୍ଭାବ୍ୟ ବକ୍ସାଇଟ୍ ଜମାର ପ୍ରଥମ-କ୍ରମ ମ୍ୟାପିଂ ପାଇଁ ଏକ ଦୃଢ଼ ଢାଞ୍ଚା ପ୍ରଦାନ କରେ। ଏହି ଅଗ୍ରଣୀ ଅଧ୍ୟୟନ ଓଡ଼ିଶାରେ ବକ୍ସାଇଟ୍ ଜୋନ୍‌ଗୁଡ଼ିକର ପ୍ରଥମ ବଡ଼-ସ୍ତରର ରିମୋଟ୍ ସେନ୍ସିଂ-ଆଧାରିତ ମୂଲ୍ୟାଙ୍କନକୁ ଚିହ୍ନିତ କରେ।

ଆଲୁମିନିୟମର ପ୍ରାଥମିକ ଖଣିଜ ବକ୍ସାଇଟ୍, ମହାକାଶ, ନିର୍ମାଣ ଏବଂ ପ୍ୟାକେଜିଂ ଭଳି ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ। କ୍ରେଡିଟ୍ ସୁଇସ୍ ଦ୍ୱାରା ବିଶ୍ୱ ଆଲୁମିନିୟମ ବଜାରରେ ୨୦୩୦ ସୁଦ୍ଧା ଯୋଗାଣ ଅଭାବର ସମ୍ମୁଖୀନ ହେବାର ଆକଳନ କରାଯାଇଥିବାରୁ, ଏକ ସ୍ଥିର ଘରୋଇ ଯୋଗାଣ ସୁନିଶ୍ଚିତ କରିବା ଭାରତ ପାଇଁ ଏକ ରଣନୈତିକ ପ୍ରାଥମିକତା ପାଲଟିଛି। ଓଡ଼ିଶାରେ ଆନୁମାନିକ ୨.୩ ବିଲିୟନ ଟନ୍ ବକ୍ସାଇଟ୍ ସଂରକ୍ଷଣ ଅଛି, ଯାହା ଭାରତର ମୋଟ ସମ୍ବଳର ୫୦% ରୁ ଅଧିକ। ତଥାପି, ଏହି ଖଣିଜର ଅଧିକାଂଶ ପୂର୍ବଘାଟର ଆହ୍ୱାନମୂଳକ ଭୂଖଣ୍ଡରେ ଅବସ୍ଥିତ, ଯାହା ପାରମ୍ପରିକ ଅନୁସନ୍ଧାନକୁ ସମୟସାପେକ୍ଷ, ମହଙ୍ଗା ଏବଂ ପରିବେଶଗତ ଭାବରେ ଜଟିଳ କରିଥାଏ।

ହାଇପରସ୍ପେକ୍ଟ୍ରାଲ୍ ଇମେଜିଂ ବ୍ୟବହାର କରି, ଆଇଆଇଟି ଭୁବନେଶ୍ୱର ଦଳ ଓଡ଼ିଶାର ଦୁଇଟି ଜିଲ୍ଲାରେ ସମ୍ଭାବ୍ୟ ବକ୍ସାଇଟ୍-ବାହକ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ପୃଥିବୀ ସାମଗ୍ରୀର ବିଦ୍ୟୁତ୍-ଚୁମ୍ବକୀୟ ପ୍ରତିକ୍ରିୟାର ଏକ ସ୍ୱତନ୍ତ୍ର ଢାଞ୍ଚା, ଯାହା ବର୍ଣ୍ଣାଳୀ ହସ୍ତାକ୍ଷର ଧାରଣାକୁ ବ୍ୟବହାର କରିଥିଲେ। ଏହି କୌଶଳ ଓଡ଼ିଶା ଏବଂ ବାହାରେ ସ୍ଥାୟୀ ଖଣିଜ ଅନୁସନ୍ଧାନକୁ ସମର୍ଥନ କରିବା ପାଇଁ ଏକ କମ ଖର୍ଚ୍ଚ, ଦ୍ରୁତ ଏବଂ ପରିବେଶ ଅନୁକୂଳ ପଦ୍ଧତି ପ୍ରଦାନ କରିପାରିବ।

ଏହି ନିଷ୍କର୍ଷଗୁଡ଼ିକ ଖଣି ଶିଳ୍ପ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ସମ୍ଭାବ୍ୟ ବକ୍ସାଇଟ୍ ଅନୁସନ୍ଧାନ କ୍ଷେତ୍ର ଚିହ୍ନଟ, ସମ୍ବଳକୁ ଉନ୍ନତ କରିବା ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିବାରେ ସହାୟତା କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଓଡ଼ିଶାରେ ପରବର୍ତ୍ତୀ ପିଢ଼ିର ଖଣିଜ ମ୍ୟାପିଂ ଏବଂ ସ୍ଥାୟୀ ସମ୍ବଳ ପରିଚାଳନା ପାଇଁ ମୂଳଦୁଆ ସ୍ଥାପନ କରେ।

## ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# ଫକୀରମୋହନ ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ ଅମିୟ ପଟ୍ଟନାୟକ ଫକୀର ମୋହନଙ୍କୁ ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ ବୋଲି କହିବା ସହ ସାମାଜିକ ବ୍ୟବସ୍ଥାରେ ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଅଦମ୍ୟ ଚେଷ୍ଟା ତାଙ୍କୁ କାଳଜୟୀ କରିଛି ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଧୀନ ସେଣ୍ଟର୍ ଫର୍ ଜୁଡ଼ିଶିଆଲ ଆର୍କାଇଭସର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ଲଲାଟେନ୍ଦୁ ଦାସ ମହାପାତ୍ର, ରାଜ୍ୟସ୍ତରୀୟ ବ୍ୟାସ କବି ଫକୀର ମୋହନ ସ୍ମୃତି ସଂସଦର ସଭାପତି ଜୀବନ କୁମାର ମହାପାତ୍ର, ସମ୍ପାଦକ ଅଜୟ ମହାନ୍ତି, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ଟେକ୍ନିକାଲ) ଗୁରୁବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡଃ ପଟ୍ଟନାୟକ ଫକୀରମୋହନ ସେନାପତିଙ୍କ ଲେଖନୀକୁ ସମୃଦ୍ଧ ଓଡ଼ିଶାର ଲେଖନୀ ବୋଲି ଅଭିବ୍ୟକ୍ତି ରଖିଛନ୍ତି। ଫକୀରମୋହନଙ୍କ ଅଭିନବ ଗଦ୍ୟଶୈଳୀ, କଥାସାହିତ୍ୟ ଓ କାଳ୍ପନିକ ଚରିତ୍ରଗୁଡ଼ିକ ଥିଲା ଅନନ୍ୟ। ଭାଷା ଆନ୍ଦୋଳନର କର୍ଣ୍ଣଧାର, ଓଡ଼ିଆ ପାଠ୍ୟପୁସ୍ତକର ପ୍ରଣେତା, ସମ୍ବାଦପତ୍ର ପ୍ରକାଶନ, ସଂଗଠନ, ଛାପାଖାନା ପ୍ରତିଷ୍ଠା, ଅନୁବାଦ ଏବଂ ସାମ୍ବାଦିକତା ଆଦି କ୍ଷେତ୍ରରେ ସେ ନିଜର ଅବଦାନ ପ୍ରକଟ କରିଯାଇଛନ୍ତି। ଫକୀର ମୋହନଙ୍କୁ ଓଡ଼ିଆ ଭାଷାସାହିତ୍ୟର ଜନକ, କଥାସମ୍ରାଟ, ବ୍ୟାସକବି ଭାବେ ସମ୍ମାନ ଦିଆଯାଇଛି ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଛନ୍ତି। ଯୋଗଦେଇଥିବା ଅତିଥି ଗଣ ଓଡ଼ିଆ ଭାଷା ସାହିତ୍ୟର ପରମ ବିନ୍ଧାଣୀ, ଆଧୁନିକ ଓଡ଼ିଆ ସାହିତ୍ୟର ଅଗ୍ରଦୂତ ବ୍ୟାସକବି ଫକୀରମୋହନ ଓଡ଼ିଆ ସାହିତ୍ୟରେ ଏକ ବିରଳ ଦୃଷ୍ଟାନ୍ତ ଥିଲେକ୍ଷ। ଓଡ଼ିଆ ମାଟି, ଓଡ଼ିଆ ଜାତି ଓ ମାତୃଭୂମି ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ ଆଜି ମାତୃଭାଷାର ଗୁରୁତ୍ୱ ବଢ଼ିଛି ବୋଲି ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗର ଉପନିର୍ଦ୍ଦେଶକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ରାଜ୍ୟସ୍ତରୀୟ ବ୍ୟାସ କବି ଫକୀର ମୋହନ ସ୍ମୃତି ସଂସଦର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଲୋକ ସଂପର୍କ ଅଧିକାରୀ ଅଂଶୁମାନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଦେବ ଭବନ ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଉପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଉସାକା) ପକ୍ଷରୁ ବୁଧବାର ଉତ୍କଳ ବିଶ୍ୱ ବିଦ୍ୟାଳୟରେ ବ୍ୟାସ କବି ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଉସାକାର ସଭାପତି ସରୋଜ ଦାଶ ଅଧ୍ୟକ୍ଷତା କରିଥିବାବେଳେ ପ୍ରଫେସର ମାନସ ରଞ୍ଜନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉସାକା ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫକୀରମୋହନଙ୍କ ଜୟନ୍ତୀ ଭିନ୍ନ ଭିନ୍ନ ସ୍ଥାନରେ ପାଳନ ନ କରି ଗୋଟିଏ ସ୍ଥାନରେ ଦିବସ ବ୍ୟାପୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଲେନିନ ମହାନ୍ତି, ଉସାକାର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ମିହିର ରାୟ, ରାମଜୀବନ ଗୋଛାୟତ, ଅଧ୍ୟାପିକା ଅମୀୟବାଳା ପରିଡା, ଡ. ରୋଜା ଘୋଷ, ପ୍ରଫେସର ଅଦୈତ୍ୱ ପାତ୍ର, ନିରଞ୍ଜନ ପଣ୍ଡା, ବେଣୁଧର ବିଶ୍ୱାଳପ୍ରମୁଖ ଯୋଗଦେଇ ବ୍ୟାସକବିଙ୍କ ସ୍ମୃତିଚାରଣ କରିଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉପାସରେ ମହାପ୍ରଭୁ ...

ଆଉଟାଇବା ଲାଗି ବଡୁ ଏବଂ ବ୍ରାହ୍ମଣ ସେବାୟତଙ୍କ ମଧ୍ୟରେ ସେବା ସ୍ୱତ୍ୱ ପାଇଁ ଯୁକ୍ତିତର୍କ ହୋଇଥିଲା। ଫଳରେ ଠାକୁର ମକର ମଣ୍ଡପରେ ଗୋଟିଏ ରାତି ଏବଂ ପର ଦିନ ତମାମ ନଖାଇ ନପିଇ ଖାଡ଼ା ଉପବାସ ରହିଥିଲେ। ଏଥର ଏହି ବିବାଦକୁ ରୋକିବାକୁ ଟ୍ରଷ୍ଟବୋର୍ଡ ସଭାପତି ତଥା ଜିଲ୍ଲାପାଳ କ୍ଷୀର ଆଉଟାଇବା ଲାଗି ବ୍ରାହ୍ମଣ ନିଯୋଗର ପୁଷ୍ପାଳକ ସେବାୟତଙ୍କୁ ପରାମର୍ଶ ଦେଇଥିବା ବେଳେ ବଡୁଙ୍କୁ ଘୃତ କମଳ ଲାଗି କରାଇବାକୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବଡୁ ନିଯୋଗ ଏହି ନିଷ୍ପତ୍ତି ଅବୈଧ ଦର୍ଶାଇ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ହାଇକୋର୍ଟ ଶ୍ରୀଜୀଉଙ୍କ ନୀତି ବାବଦରେ ଜିଲ୍ଲାପାଳଙ୍କ କ୍ଷମତା ନଥିବା ଦର୍ଶାଇଥିଲେ ଏବଂ ୨୬ ଫେବୃୟାରୀ କିମ୍ବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ନୀତି ନ କରାଇବାକୁ ପରାମର୍ଶ ଦେଇଛନ୍ତି। ଫଳରେ ଜିଲ୍ଲାପାଳଙ୍କ ମକର ଯାତ୍ରା ନୀତି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଣେ ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର ଓ ସଭ୍ୟ ପ୍ରଦୀପ୍ତ କୁମାର ମହାପାତ୍ର ସହକାରୀ ଦେବୋତ୍ତର କମିଶନରଙ୍କୁ ସାକ୍ଷାତ କରି ମକର ଯାତ୍ରା ଯେମିତି ବି କରାଇବାକୁ ଲିଖିତ ଦାବି ଜଣାଇଥିଲେ। ଦେବୋତ୍ତର କମିଶନର ଏହି ବିବାଦୀୟ ଯାତ୍ରା ନୀତିକୁ ବାଦ୍‌ଦେଇ ଦୈନନ୍ଦିନ ନୀତି କରାଇବାକୁ ମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ସେବାୟତଙ୍କୁ ଏହି ବାର୍ତ୍ତା ମନ୍ଦିର ପ୍ରଶାସନ ନ ଜଣାଇବା କାରଣରୁ ନୀତି ଅଧାରୁ ଅଟକି ଗଲା ବୋଲି ସେବାୟତମାନେ ଅଭିଯୋଗ କରିଛନ୍ତି।

### ଓଡ଼ିଶାର ବୌଦ୍ଧ...

ନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଅମ୍ବର କୁମାର କର, ଜିରାଙ୍ଗର ବୌଦ୍ଧ ଗୁରୁ ଜିଗମେ ରିଙ୍ଗପୋଚେ, ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନର ମୁଖ୍ୟ ଓ୍ୱାଙ୍ଗମୋ ଦିକ୍ସେ ପ୍ରମୁଖ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିଜ ବକ୍ତବ୍ୟରେ କହିଥିଲେ ଯେ, ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ମାଧ୍ୟମରେ ବୌଦ୍ଧ ପର୍ଯ୍ୟଟନର ବିକାଶ ହେବା ସହ ଶାନ୍ତି ଏବଂ କରୁଣାର ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚିପାରିବ। ଏଇ ଓଡ଼ିଶା ମାଟି ସର୍ବଦା ଆଧ୍ୟାତ୍ମିକତାର ପଥରେ ଅଗ୍ରସର ହୋଇଆସିଛି। ଓଡ଼ିଶା ସରକାର ଏଦିଗରେ ଅନେକ ପ୍ରୟାସ କରୁଛନ୍ତି। ରତ୍ନଗିରି, ଲଳିତଗିରି, ଉଦୟଗିରି, ଜିରାଙ୍ଗ, ଧଉଳି ଭଳି ବୌଦ୍ଧ କୀର୍ତ୍ତିରାଜିର ସାମଗ୍ରିକ ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଇତିହାସ ସମ୍ବନ୍ଧୀୟ ଆଧୁନିକ ଗବେଷଣା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଓଡ଼ିଶାର ସୁସମୃଦ୍ଧ ବୌଦ୍ଧ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ସରକାର ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ବୌଦ୍ଧ ଧର୍ମ ବିକାଶ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ସହ ଓଡ଼ିଶାକୁ ଭାରତର ବୌଦ୍ଧ ପର୍ଯ୍ୟଟନ ସର୍କିଟ ସହ ଯୋଡ଼ିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାସହ ଜିରାଙ୍ଗ ମହାବିହାରର ମଧ୍ୟ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ। ସେହିଭଳି ଓଡ଼ିଆ,ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ହୋଇଥିଲା ଏବଂ ଉଦୟଗିରିଠାରେ ହିଁ ସେ ମହାପରିନିର୍ବାଣ ପ୍ରାପ୍ତ କରିଥିଲେ। ଏହାସହ ଓଡ଼ିଶାରେ ଗୁରୁ ପଦ୍ମସମ୍ଭବ ଏବଂ ବୌଦ୍ଧ ତନ୍ତ୍ରଯାନ ସମ୍ବନ୍ଧୀୟ ପ୍ରମାଣ, ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆଣିଥିବାରୁ ଉପସ୍ଥିତ ବିଶେଷଜ୍ଞ ଗବେଷକମାନଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଶଂସା କରିଥିଲେ। ଏହି ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୧୭୦୦ ରୁ ଉର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ, ଗୁରୁ, ପର୍ଯ୍ୟଟକ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଉଦୟଗିରି ସ୍ମରଣିକା ସହ ବୌଦ୍ଧ ଐତିହ୍ୟ ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରିଥିଲେ। ଓଡ଼ିଶା ଓ ଗୁରୁ ପଦ୍ମସମ୍ଭବଙ୍କ ଇତିହାସକୁ ନେଇ ଏକ ଆଲୋଚନା ଚକ୍ର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନର ରିଚାର୍ଡ ଦିକ୍ସେ, ଫରାସୀ ଭାରତତତ୍ତ୍ୱବିତ ଡ. ଫ୍ରେଡରିକ ମରୁନଭାଲ, ବିଶିଷ୍ଟ ଲେଖକ ଓ ଗବେଷକ ପ୍ରବୀର ପଟ୍ଟନାୟକ, ଗବେଷକ ଡ. ଅନୀତା ସାବତ, ପ୍ରଫେସର ରାହୁଲ ରବି ରାଓ, ଲାମା ତେଞ୍ଜିନ ସାମ୍ଫେଲ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ସୁବ୍ରତ କୁମାର ପୃଷ୍ଟି, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଟିଡିସି ଜେନେରାଲ ମ୍ୟାନେଜର ଧର୍ମେନ୍ଦ୍ର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାପସ କୁମାର ସାହୁ ଉପସ୍ଥିତ ଥିଲେ।

### ୨୫୦୦ରୁ ଅଧିକ...

ପୁନଃସ୍ଥାପନା ଚାହୁଁଛନ୍ତି। ତେହେରାନ୍, ଇସ୍ଫହାନ୍, ଶିରାଜ୍ ଓ ମାଶହାଦ୍ ଭଳି ସହରଗୁଡ଼ିକରେ ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି, ଯେଉଁଠାରେ ସରକାରୀ ବାହିନୀ ଟିୟର ଗ୍ୟାସ୍, ରବର ବୁଲେଟ୍ ଓ ସିଧା ଗୁଳି ଚଳାଉଛି। ଇଣ୍ଟରନେଟ୍ ବନ୍ଦ ଥିବାରୁ ସଠିକ୍ ସୂଚନା ବାହାରକୁ ଆସିବା କଷ୍ଟକର ହୋଇଛି। ଏହି ପରିସ୍ଥିତି ମଧ୍ୟରେ ଟ୍ରମ୍ପ ଇରାନ ସରକାରଙ୍କୁ କଡ଼ା ଚେତାବନୀ ଦେବା ସହ ଆନ୍ଦୋଳନକାରୀଙ୍କ ପାଇଁ ତୁରନ୍ତ ସହାୟତା ପହଞ୍ଚିବ ବୋଲି ଘୋଷଣା କରିବା ପରେ ଅତି ଭୟାନକ ସ୍ଥିତି ଉପୁଜିଛି ଏବଂ ଆନ୍ଦୋଳନ ଅଧିକ ହିଂସାତ୍ମକ ହୋଇଛି। ଇରାନ ସଂସଦର ବାଚସ୍ପତି ଟ୍ରମ୍ପଙ୍କ ଧମକକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଆମେରିକା ଆକ୍ରମଣ କଲେ ଆମେରିକୀୟ ସୈନ୍ୟ ଓ ଇସ୍ରାଏଲ୍ ଆମର ବୈଧ ଲକ୍ଷ୍ୟ ହେବ। ଏହା ଆମେରିକା-ଇରାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧର ଆଶଙ୍କା ବଢ଼ାଇଥିବା ବେଳେ ଆମେରିକା ଆକ୍ରମଣର ମୁକାବିଲା ପାଇଁ ଇରାନର ଜୋରଦାର ପ୍ରସ୍ତୁତି ଚଳାଇଛି।

### ଭାରତୀୟଙ୍କୁ ...

ଦୂତାବାସ ସେଠାରେ ରହୁଥିବା ଭାରତୀୟମାନଙ୍କୁ ଯଥାଶୀଘ୍ର ଯେକୌଣସି ଉପାୟରେ ଦେଶ ଛାଡ଼ିବାକୁ ପରାମର୍ଶ ଦେଇଛି। ଦୂତାବାସ କହିଛି, "ଇରାନରେ ବଦଳୁଥିବା ପରିସ୍ଥିତିକୁ ଦେଖି ଯେଉଁ ଭାରତୀୟ ନାଗରିକମାନେ (ଛାତ୍ରଛାତ୍ରୀ, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକ) ବର୍ତ୍ତମାନ ଇରାନରେ ଅଛନ୍ତି, ସେମାନଙ୍କୁ ବାଣିଜ୍ୟିକ ଉଡାଣ ସହିତ ଉପଲବ୍ଧ ଯାତାୟାତ ସାଧନ ବ୍ୟବହାର କରି ଇରାନ ଛାଡ଼ିବାକୁ ପରାମର୍ଶ ଦିଆଯାଉଛି।" ଦୂତାବାସ ପରାମର୍ଶ ଦେଇ ଭାରତୀୟ ନାଗରିକ ଓ ଭାରତୀୟ ମୂଳର ଲୋକମାନଙ୍କୁ ସାବଧାନ ରହିବା ଏବଂ ପ୍ରତିବାଦ ସ୍ଥଳଗୁଡ଼ିକୁ ଏଡ଼ାଇବାକୁ କହିଛି। ଏହା ସହିତ ଭାରତୀୟମାନଙ୍କୁ ନିଜ ଯାତ୍ରା ସମ୍ବନ୍ଧୀୟ ଦଲିଲପତ୍ର ପ୍ରସ୍ତୁତ ରଖିବା ଏବଂ ସହାୟତା ପାଇଁ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ହାଡ଼ ଭଙ୍ଗା...

ଯାତାୟାତରେ ଅସୁବିଧା ହେଉଥିବା ବେଳେ ଦୁର୍ଘଟଣା ଘଟୁଛି। କହିବାକୁ ଗଲେ ପ୍ରବଳ ଶୀତ ଯୋଗୁଁ ଘୁ.ଉଦୟଗିରିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୀତ ଦାଉରୁ ରକ୍ଷା ପାଇବାକୁ ସନ୍ଧ୍ୟା ପୂର୍ବରୁ ଲୋକେ ନିଆଁ ଲଗାଇ ବସୁଛନ୍ତି। ପ୍ରବଳ ଥଣ୍ଡା ତୁଷାରପାତ ଯୋଗୁଁ ନୂଆବର୍ଷ ଆରମ୍ଭରୁ ଘୁ.ଉଦୟଗିରି ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ବଣଭୋଜି ନିମନ୍ତେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଘୁ.ଉଦୟଗିରିରେ ଅଧିକ ଶୀତ ସହ ଜାଡ଼ ଥଣ୍ଡା ହେଉଥିଲେ ମଧ୍ୟ ପ୍ରଶାସନ ତରଫରୁ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପ୍ରତି ଗୁରୁତ୍ୱ ଦେଉନଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ଭୁବନେଶ୍ୱର ବିମାନବନ୍ଦରର...

ବିମାନବନ୍ଦର ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଦ୍ୱାରା ପରିଚାଳିତ। ଏଏଆଇ ହେଉଛି ଭାରତର ଅନେକ ବିମାନବନ୍ଦରର ପରିଚାଳନା କରୁଥିବା ପରିଚାଳନା ସଂସ୍ଥା। ଭୁବନେଶ୍ୱର ବିମାନବନ୍ଦର ସୁଗମ ବିମାନ ପରିଚାଳନା ପାଇଁ ଆବଶ୍ୟକ ସର୍ବଶେଷ ପ୍ରଯୁକ୍ତିବିଦ୍ୟାରେ ପରିପୂର୍ଣ୍ଣ।

# ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ପିଲାମାନଙ୍କ ସହ ଖୁସି ବାଣ୍ଟିଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ବୁଧବାର ଅପରାହ୍ଣରେ ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ପିଲାମାନଙ୍କ ସହ ଖୁସି ବାଂଟିଛନ୍ତି। ମକର ସଂକ୍ରାନ୍ତି ଅବସରରେ ରାଜ୍ୟପାଳ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ପିଲାମାନଙ୍କୁ ଚିକି, ଚକୋଲେଟ ଓ କଲମ ବଂଟନ କରିଥିଲେ। ସୁନ୍ଦର ଭୂଦୃଶ୍ୟରେ ସଜ୍ଜିତ ଲୋକଭବନ ଉଦ୍ୟାନ ଏବଂ ଲୋକଭବନ ପରିସରରେ ନୂତନ ଭାବରେ ବିକଶିତ ଅଟଳ ବନ ପରିଦର୍ଶନ କରିଥିବା ପିଲାମାନଙ୍କୁ ଭେଟି ରାଜ୍ୟପାଳ ଆନନ୍ଦିତ ହୋଇଥିଲେ। ନିଜର ଖୁସି ପ୍ରକାଶ କରି ରାଜ୍ୟପାଳ କହିଥିଲେ ଯେ, ''ସବୁଜିମାରେ ଭରପୁର ଉଦ୍ୟାନ ଗୁଡ଼ିକୁ ପରିଦର୍ଶନ କରିବା ସମୟରେ ପିଲାମାନଙ୍କୁ ଭେଟିବା ଏବଂ ସେମାନଙ୍କର ଉତ୍ସାହ ଦେଖିବା ମୋତେ ଅତ୍ୟନ୍ତ ଆନନ୍ଦ ଦିଏ।'' ଏପରି ସ୍ଥାନଗୁଡ଼ିକ ପିଲାମାନଙ୍କୁ ଏକ ନିରାପଦ ଏବଂ ପ୍ରାକୃତିକ ପରିବେଶରେ ସୁସ୍ଥ ମନୋରଞ୍ଜନ ଦେବା ସହ ଶିଖିବାର ସୁଯୋଗ ପ୍ରଦାନ କରେ, ଯାହା ସେମାନଙ୍କର ସାମଗ୍ରିକ ବିକାଶ ଏବଂ କଲ୍ୟାଣ ପାଇଁ ପରିପୂରକ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି। ଲୋକଭବନ ଉଦ୍ୟାନ ପରିଦର୍ଶନ ପାଇଁ ଜନସାଧାରଣଙ୍କ ବିପୁଳ ଆଗ୍ରହ ପାଇଁ ମଧ୍ୟ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ଲୋକଭବନର ପରିବେଶକୁ ଜନସାଧାରଣ ଉପଭୋଗ କରିବା ଉତ୍ସାହଜନକ ବୋଲି ରାଜ୍ୟପାଳ କହିଛନ୍ତି।

ଲୋକଭବନ ଉଦ୍ୟାନଗୁଡ଼ିକ ଚଳିତ ଜାନୁଆରୀ ୧୦ ତାରିଖରୁ ଜନସାଧାରଣ ପାଇଁ ଖୋଲାଯାଇଛି ଏବଂ ଏହା ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଖୋଲା ହେବା ପରଠାରୁ ଭୁବନେଶ୍ୱର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ହଜାର ହଜାର ପରିଦର୍ଶକ ଲୋକଭବନ ଉଦ୍ୟାନଗୁଡ଼ିକୁ ପରିଦର୍ଶନ କରୁଛନ୍ତି।

# ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ବିଭାଗୀୟ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ବୁଧବାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ୧୫ ଗୋଟି ମାର୍ଗଦର୍ଶିକା ଅନୁଯାୟୀ ବିଭାଗୀୟ କାର୍ଯ୍ୟର ପ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଭିଜନ ୨୦୩୬ ଓ ୨୦୪୭ ଅଧୀନରେ ନିର୍ଦ୍ଧାରିତ ୧୨ ଓ ୨୪ ମାସର ଲକ୍ଷ୍ୟ ପ୍ରାପ୍ତି ପାଇଁ ରୋଡମ୍ୟାପ ଉପରେ ସମୀକ୍ଷା କରାଯାଇଛି।

ବୈଠକରେ ନିୟମିତ ବଜେଟ ଫଳାଫଳ ସମୀକ୍ଷା, ଶିଳ୍ପ ଉନ୍ନୟନ ପାଇଁ ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ ଏମ୍‌ଓୟୁ ଗୁଡ଼ିକର କାର୍ଯ୍ୟାନ୍ୱୟନ, ମିଶନ କର୍ମଯୋଗୀ ଆଧାରିତ ପ୍ରଶିକ୍ଷଣ କ୍ୟାଲେଣ୍ଡର , ନିୟମିତ ସମୀକ୍ଷା ପ୍ରଣାଳୀ ଭଳି ବିଷୟ ଉପରେ ଆଲୋଚନା ହୋଇଛି। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ସମସ୍ତ ସରକାରୀ ପତ୍ରଳାପ ଓ ସୂଚନା ଓଡ଼ିଆ ଭାଷାରେ ଜାରି, ବିଭାଗୀୟ ୱେବସାଇଟ ଅଦ୍ୟତନ, ଅଭିଯୋଗ ସମାଧାନ ପ୍ରଣାଳୀ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ସାଗର ମହାନ୍ତିଙ୍କ ସମେତ ବିଭିନ୍ନ କାର୍ଯ୍ୟ ଦାୟିତ୍ୱରେ ଥିବା ଜଳ ସଂପଦ ବିଭାଗର ବିଶିଷ୍ଟ ଅଧିକାରୀ ଓ ଅନ୍ୟ ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ବୃନ୍ଦ ଉପସ୍ଥିତ ଥିଲେ।

# ଭଦ୍ରକରେ ନାବାଳକ ବିକ୍ରି ଘଟଣା କଟକରୁ ଉଦ୍ଧାର କଲା ପୋଲିସ

**କଟକ, ନ୍ୟୁଜ ବ୍ୟୁରୋ**

ଭଦ୍ରକରେ ବିକ୍ରି, କଟକରୁ ଉଦ୍ଧାର। ଭଦ୍ରକରେ ବିକ୍ରି ହୋଇଥିବା ଶିଶୁକୁ କଟକରୁ ଉଦ୍ଧାର କରିଛି ଭଣ୍ଡାରିପୋଖରୀ ପୋଲିସ। ଉଦ୍ଧାର ଶିଶୁକୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ଯାଞ୍ଚ ପରେ ଶିଶୁ ମଙ୍ଗଳ କମିଟିରେ ହାଜର କରିବ ପୋଲିସ। ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ସନ୍ଧ୍ୟାରେ ଭଣ୍ଡାରିପୋଖରୀ ପୁଲିସ୍ କଟକ ରାଜାବଗିଚା ଅଞ୍ଚଳରୁ ଶିଶୁକନ୍ୟାକୁ ଉଦ୍ଧାର କରିଛି। ଅନ୍ୟପକ୍ଷରେ ଶିଶୁର ବାପାମାଆ ଋଣ ଶୁଝିବା ପାଇଁ ଶିଶୁକୁ ବିକି ଦେଇଥିବା ପ୍ରକାଶ କରିଛନ୍ତି। ଜଣେ ସମ୍ପର୍କୀୟ ମାଉସୀଙ୍କର ପିଲା ନ ଥିବାରୁ ତାଙ୍କୁ ୩୫ ହଜାର ଟଙ୍କାରେ ଝିଅକୁ ବିକ୍ରି କରିଥିବା ଶିଶୁର ମାଆ କହିଛନ୍ତି। ଅଭିଯୁକ୍ତ ବାପା ମାଆ ପୋଲିସ୍ ହେପାଜତରେ ଅଛନ୍ତି।

# ଓ୍ୱାର୍କଚାର୍ଜଡ଼ କର୍ମଚାରୀଙ୍କୁ ପେନସନ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ବରିଷ୍ଠ ଅଧିବକ୍ତା ମନୋଜ ମିଶ୍ରଙ୍କୁ ପୂର୍ତ୍ତ ସଂଗଠନ ଜଣାଇଲା କୃତଜ୍ଞତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓ୍ୱାର୍କଚାର୍ଜଡ଼ କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏ ନେଇ ମାମଲାର ପ୍ରତିପକ୍ଷ ଅଶୋକ କୁମାର ପଟନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ବରିଷ୍ଠ ଅଧିବକ୍ତା ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରିଥିବାରୁ 'ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ଓ୍ୱାର୍କଚାର୍ଜଡ଼/ରେଗୁଲାର କର୍ମଚାରୀ ସଂଘ' ଶ୍ରୀ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛି। ପ୍ରକାଶ ଯୋଗ୍ୟ ଯେ, ଅବସରପ୍ରାପ୍ତ ଓ୍ୱାର୍କଚାର୍ଜଡ଼ କର୍ମଚାରୀ ଅଶୋକ ପଟ୍ଟନାୟକ ଚାକିରିରୁ ଅବସର ନେବା ପରେ ୨୦୨୪ ମସିହା ମଇ ମାସରେ ପେନସନ ପାଇବା ପାଇଁ ଓଡିଶା ହାଇକୋର୍ଟରେ ମୋକଦ୍ଦମା ରୁଜୁ କରିଥିଲେ। ଜଣିକିଆ ଖଣ୍ଡପୀଠ ମାମଲାକୁ ବିଚାର କରି ପେନସନ ପାଇବା ସପକ୍ଷରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୁଦ୍ଧରେ ରାଜ୍ୟ ସରକାର ରିଟ ଅପିଲ କରିଥିଲେ। ଓଡିଶା ହାଇକୋର୍ଟର ବିଚାରପତି ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ବିଚାରପତି ଚିତ୍ତ ରଂଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ରିଟ ଅପିଲକୁ ଶୁଣାଣି କରି ଖାରଜ କରି ଦେଇଛନ୍ତି। ସାମ୍ବିଧାନିକ ମୌଳିକ ଅଧିକାରକୁ ଅଗ୍ରାଧିକାର ଦେଇ ୩୦ ରୁ ୪୦ ବର୍ଷ ସେବା ଦାନ କରିଥିବା କର୍ମଚାରୀଙ୍କୁ ସରକାର ୧୯୯୨ ପେନସନ ନିୟମ ଅନୁସାରେ ପେନସନ ପ୍ରଦାନ କରନ୍ତୁ ଓ ଅଯଥା ମାମଲା ରୁଜୁ କରାନଯାଉ ବୋଲି ଖଣ୍ଡପୀଠ ପ୍ରକାଶ୍ୟ ରାୟରେ ଉଲ୍ଲେଖ କରିଛି। ଆଉ ମଧ୍ୟ ବହୁ କର୍ମଚାରୀ ଅବସରସର ଗ୍ରହଣ କରିଥିଲେ ମଧ୍ୟ ସରକାର କଣ ପାଇଁ ପେନସନ ଦେଉ ନାହାନ୍ତି ଓ ତାହା ବୁଝାପଡୁନି ବୋଲି ରାୟରେ ଉଲ୍ଲେଖ ରହିଛି। ସରକାର ଏହି ମାମଲାକୁ ଗ୍ରହଣ କରି ଓ ଅଧିକ ମାମଲା ନବଢ଼ାଇ ଓ୍ୱାର୍କଚାର୍ଜଡ଼ କର୍ମଚାରୀଙ୍କୁ ପେନସନ ଦେବା ସପକ୍ଷରେ ନିଷ୍ପତି ନିଅନ୍ତୁ ବୋଲି ସଂଘ ସଭାପତି ଅରୁଣ ପରିଡା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ଶାସନ ସଚିବଙ୍କ ସହ ହୋଇଥିବା ଆଲୋଚନାକୁ ପୂର୍ତ୍ତ ସଚିବ ଗୁରୁତ୍ୱ ଦେଇ ୧୯୭୨ ପି. ଜି ଆକ୍ଟ ଅନୁସାରେ ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉ। ହାଇକୋର୍ଟଙ୍କ ରାୟକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଚଳିତମାସ ୧୬ ତାରିଖରେ ହେବାକୁ ଥିବା ଆଲୋଚନାରେ ଏହାକୁ ମୁଖ୍ୟ ପ୍ରସଙ୍ଗ ଭାବେ ବିବେଚନା କରି ମୁଖ୍ୟମନ୍ତ୍ରୀ ପେନସନ ପ୍ରଦାନ ସପକ୍ଷରେ ନିଷ୍ପତି ନିଅନ୍ତୁ ବୋଲି ପୂର୍ତ୍ତ ସଂଗଠନ ଅନୁରୋଧ କରିଛି।



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ST-OT-LHS-03-KUR-534, ତା.08.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ପରିସୀମା ଅଧିନସ୍ଥ କଟକ-ପାରାଦୀପ ଲାଇନରେ କନ୍ଦରପୁର-କଟକ ଷ୍ଟେସନ ମଧ୍ୟରେ କି.ମି. 429/20-22 ଠାରେ, ବୈତାରୀ-ଟମକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. JD-1 (ରେଳବାଇ କି.ମି. 147/44-148/2), ମଉଗଜପୁର-କନ୍ଦରପୁର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. CP-8 (କି.ମି. 418/5-7), ଏବଂ ଜଖପୁରା-ଜେନାପୁର ମଧ୍ୟରେ କି.ମି. 346/7-9 ଠାରେ ଅନଧିକାର ପ୍ରବେଶ ସ୍ଥାନରେ ଅତିକ୍ରମଣକୁ ନିୟନ୍ତ୍ରଣ ଏବଂ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ କ୍ରସିଙ୍ଗଗୁଡ଼ିକ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ଏବଂ ନିର୍ମାଣ।

**ଟେଣ୍ଡର ମୂଲ୍ୟ :** ₹ 1,43,17,146.29, EMD : ₹ 2,21,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.16.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-1007/Q/25-26

# ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଜେପି ପ୍ରଭାରୀ ବୈଠକ ନିଷ୍ପତି ନିନ୍ଦନୀୟ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ଶାସନ ବ୍ୟବସ୍ଥା ଭୁଷୁଡିବାରେ ଲାଗିଥିବା ବେଳେ ଏବେ ସରକାରୀ କାର୍ଯ୍ୟାଳୟ ଗୁଡିକୁ ନିଜ ଦଳୀୟ କାର୍ଯ୍ୟାଳୟ ଭାବେ ପରିଣତ କରିବା ଉଦ୍ୟମ ଆରମ୍ଭ ହୋଇଛି, ଯାହାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛି, ରାଜ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମ୍ବଲପୁର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ପ୍ରଭାରୀ ବୈଠକକୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ବୋଲି ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିବା ବେଳେ ଜିଲ୍ଲାପାଳଙ୍କୁ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ମାନଙ୍କୁ ଏହି ପ୍ରଭାରୀ ବୈଠକରେ ଉପସ୍ଥିତ ରହିବାକୁ କହିବା ପାଇଁ ନିର୍ଦ୍ଦେଶେ ଦିଆଯାଇଛି।

ଡ଼ ମହାନ୍ତି କହିଛନ୍ତି, ଏଠାରେ ପ୍ରଶ୍ନ ଉଠୁଛି ଯେ, ବିଜେପିର ଦଳୀୟ ପ୍ରଭାରୀ ଓ ଅନ୍ୟ କର୍ମକର୍ତ୍ତା। ବୈଠକ କିପରି ଭାବେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ଓ ଏଥିରେ ସରକାରୀ ଅଧିକାରୀ ମାନେ କାହିଁକି ଯୋଗ ଦେବେ? ସରକାରୀ କାର୍ଯ୍ୟାଳୟ ଗୁଡିକୁ ବିଜେପି ନିଜ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ କରୁଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି। ରାଜ୍ୟବ୍ୟାପୀ ସରକାରୀ କାର୍ଯ୍ୟାଳୟ ଗୁଡିକରେ ବିଜେପି ନେତା ଓ କର୍ମୀ ମାନଙ୍କ ଉତ୍ପାତ ଓ ସରକାରୀ ଅଧିକାରୀମାନଙ୍କ ଉପରେ ଆକ୍ରମଣ ବିଜେପି ଶାସନରେ ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇଛି। ଏବେ ସରକାରୀ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ବୈଠକ ଆୟୋଜନ କରି ବିଜେପି ସରକାରୀ ଅଧିକାରୀ ମାନଙ୍କୁ ଚାପଗ୍ରସ୍ତ କରିବା ସହିତ କର୍ମୀଙ୍କ ସ୍ୱାର୍ଥ ହାସଲ ପାଇଁ ଉଦ୍ୟମ କରାଯାଉଛି। ବିଜେପିର ଏହି ଉଦ୍ୟମକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରୁଛି। ଶାସନ ବ୍ୟବସ୍ଥା ଭୁଶୁଡିବା ସ୍ଥିତିରେ ପହଞ୍ଚିଲାଣି, ଯେଉଥିପାଇଁ ରାଜ୍ୟବାସୀ ଅତିଷ୍ଠ ହେଲେଣି। ତେଣୁ ବିଜେପି ସରକାରୀ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବା ଉଦ୍ୟମରୁ କ୍ଷାନ୍ତ ରୁହନ୍ତୁ, ଅନ୍ୟଥା ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

ଭୁବନେଶ୍ୱର
୧୫ ଜାନୁଆରୀ,
ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ଚଉରାଶି ବେଶ ନୀତି ସମ୍ପନ୍ନ

## ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ସମ୍ପନ୍ନ :ସ୍ୱାଭାବିକ ହେଲା ଶ୍ରୀଜିଉଙ୍କ ଦର୍ଶନ

**ପୁରୀ ୧୪/୧ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଉତ୍ତରାୟଣ ଯାତ୍ରା ବା ପୌଷ ମାସର ସଂକ୍ରାନ୍ତି କୁ ମକର ସଂକ୍ରାନ୍ତି କୁହାଯାଏ ଏହି ଦିନ ମକର ସଂକ୍ରାନ୍ତି ହେତୁ ଶ୍ରୀମନ୍ଦିରରେ ପୂର୍ବ ପରମ୍ପରା ପ୍ରକାରେ ନୀତିମାନ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରରେ ମଙ୍ଗଳ ଆଳତୀ, ଅବକାଶ ନୀତି ବଢ଼ିବା ପରେ ଫୁଟା ପହରଣା ଲାଗି ସହିତ ତ୍ରିମୁଣ୍ଡି ରେ ମକରଚୁଳ ଲାଗି ହୋଇ କର୍ପୂର ଲାଗି ପୂର୍ବକ ବେଶ ବଢ଼ିଥାଏ। ପରେ ପାଣି ପଡି ଗୋପଳବଲ୍ଲଭ ଓ ସକାଳଧୂପ ବଢ଼ିଥିଏ।ସକାଳଧୂପ ସମ୍ପର୍ଣ୍ଣ ହେବା ପରେ ପାଣି ପଡି ମଇଲମ, ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ, ନୂଆଲୁଗା ଓ ଛ ମୂର୍ତ୍ତି ଅଳଂକାର ଲାଗି ହୋଇ ବେଶ ବଢ଼ିଥାଏ ଏବଂ ପରେ ପାଣିପଡି ମଧ୍ୟାହ୍ନଧୂପ ଡାକିବାକୁ ଯାଇଥାନ୍ତି । ଘଣ୍ଟ ଛତା କାହାଳୀ ପଟୁଆର ସହିତ ତଳିଛ ପ୍ରଧାନୀ ହାତପୈଠ ପୂର୍ବକ ଭୋଗ ଛାମୁ କୁ ଆସିଥାଏ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ତିନିବାଡେ ପାଳିଆ ପୂଜାପଣ୍ଡା ଷୋଡଶ ଉପଚାର ରେ ମଧ୍ୟାହ୍ନ ଧୂପ ପୂଜା ରେ ବସିଥାନ୍ତି । ଟେରା ପଡିବା ପରେ ମହାପ୍ରଭୁ ଙ୍କ ବାଡ଼ ପାଳିଆ ପୂଜାପଣ୍ଡା, ରୋଷ ପାଇକ, ପତ୍ରିବଡୁ, ସୁଆରବଡୁ ବହାରକୁ ଆସି ଅଷ୍ଟଦିଗ ବଳି ଦେଇଥିଲେ, ପରେ ପାଳିଆ ପୂଜାପଣ୍ଡା ପୁନଶ୍ଚ ଭିତରକୁ ଯିବା ପରେ ଭୋଗ ସମାପନ ହୋଇଥିଲା। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ସମ୍ପନ୍ନ। ବଡ଼ ମହାସ୍ନାନ ପରେ ସ୍ୱାଭାବିକ ହେଲା ଦର୍ଶନ। ଦେଢ଼ ଘଣ୍ଟା ଧରି ବନ୍ଦ ରହିଥିଲା ଦର୍ଶନ। ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବାରୁ ଠାକୁରଙ୍କ ବଡ଼ ମହାସ୍ନାନ ହୋଇଥିଲା। ସୂଚନା ଅନୁଯାୟୀ, ବୁଧବାର ମକର ସଂକ୍ରାନ୍ତି ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ । ଏହି ସମୟରେ ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ମହାପ୍ରଭୁଙ୍କ ସମସ୍ତ ନୀତି ମାରା ହୋଇଥିଲା। ସେବାୟତମାନେ ନୀତି ବନ୍ଦ କରିବା ସହ ପରମ୍ପରା ଅନୁଯାୟୀ, ଶ୍ରୀଜିଉଙ୍କ ବଡ଼ ମହାସ୍ନାନ କରାଇଥିଲେ । ବଡ଼ ମହାସ୍ନାନ ନୀତ ପ୍ରାୟ ଦେଢ଼ ଘଣ୍ଟା ଚାଲିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲ। ପରେ ମହାପ୍ରଭୁଙ୍କ ମହାସ୍ନାନ ସରିବା ପରେ ସ୍ୱାଭାବିକ ହୋଇଛି ଦର୍ଶନ। ଆଗକୁ ଗୋପାଳ ବଲ୍ଲଭ ନୀତି ଆଗକୁ ବଢ଼ିଛି।



# ପବିତ୍ର ମକର ସଂକ୍ରାନ୍ତି ଅବସରରେ ମା' ଭଗବତୀ ପୀଠରେ ମକର ମେଳା

**କଟକ, ୧୪।୧ ନ୍ୟୁଜ ବ୍ୟୁରୋ**

ପବିତ୍ର ମକର ସଂକ୍ରାନ୍ତି ଅବସରରେ ମା' ଭଗବତୀ ପୀଠରେ ମକର ମେଳା। କଟକ ଜିଲ୍ଲାର ମାଳିକାପ୍ରସିଦ୍ଧ ସାଲେପୁର ବଟେଶ୍ୱର ଗାଁରେ ରହିଥିବା ମା' ଭଗବତୀଙ୍କ ପୀଠରେ ମକର ମେଳା ଉପଲକ୍ଷେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଛନ୍ତି । ଭୋର ୪ ଟାରୁ ମା'ଙ୍କ ଦ୍ୱାରଫିଟା ନୀତି ଆରମ୍ଭ ହୋଇଥିଲା । ମହାସ୍ନାନ ପରେ ମା'ଙ୍କୁ ପୁଷ୍ପମାଳରେ ସୁସଜ୍ଜିତ କରାଯାଇ ବିଧି ଅନୁସାରେ ନୀତିକାନ୍ତି ଆରମ୍ଭ ହୋଇଥିଲା । ସକାଳୁ ସକାଳୁ ଗୁପ୍ତଗଙ୍ଗା ଚିତ୍ରୋତ୍ପଳା ନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ମା' ନିକଟରେ ପୂଜାର୍ଚ୍ଚନା କରି ନିଜ ନିଜ ପରିବାରର ଶୁଭ ମନାଶିଥିଲେ । ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ମା'ଙ୍କ ଦିବ୍ୟ ଦର୍ଶନର ଲାଭ କରି କୃତାର୍ଥ ଲାଭ କରିଥିଲେ ଭକ୍ତମାନେ । ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ମଧ୍ୟ ମା'ଙ୍କ ପୀଠରେ ପହଁଞ୍ଚି ପୂଜାର୍ଚ୍ଚନା କରିଥିଲେ ।



# ପତ୍ନୀଙ୍କ ସହ ବୈତରଣୀରେ ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



**କେନ୍ଦୁଝର, ୧୪/୧ ନ୍ୟୁଜ ବ୍ୟୁରୋ**

ପୂଣ୍ୟତୋୟା ବୈତରଣୀ ନଦୀରେ ମକର ବୁଡ ପକାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପବିତ୍ର ମକର ସଂକ୍ରାନ୍ତି ଅବସରରେ ପତ୍ନୀ ପ୍ରିୟଙ୍କା ମାରାଣ୍ଡିଙ୍କ ସହ ପାଟଣା ବ୍ଲକ ରାଜନଗର ଘାଟ ସବ୍ୟାକାବେରୀ ତୁଠରେ ବୁଡ଼ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ପବିତ୍ର ମକର ସଂକ୍ରାନ୍ତିର ଶୁଭ ଅବସରରେ କେନ୍ଦୁଝରର ପୂଣ୍ୟତୋୟା ବୈତରଣୀ ନଦୀରେ ମକର ସ୍ନାନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସପତ୍ନୀଙ୍କ ରାଜନଗର ଘାଟ ସବ୍ୟାକାବେରୀ ତୁଠରେ ବୁଡ଼ ପକାଇଛନ୍ତି। ଏହି ଅବସରରେ ତାଙ୍କ ଦୁଇ ସାଙ୍ଗ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡ଼ ଫକୀର ଚରଣ ନାୟକ ମଧ ମକର ବୁଡ ପକାଇଥିଲେ । ପରମ୍ପରା ଓ ସଂସ୍କୃତିର ସମନ୍ୱୟ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ପରିଚୟ। ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା, ଏହି ପବିତ୍ର ଦିନ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଭରିଦେଉ ବୋଲି ଏହି ଅବସରରେ କହିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, 'ବୁଧବାର ପବିତ୍ର ମକର ସଂକ୍ରାନ୍ତି। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୁଏ। ଏହି ପବିତ୍ର ଅବସରରେ ବୁଡ଼ ପକାଇବା ଏକ ଶୁଭ କଥା। ପ୍ରତିବର୍ଷ ବୈତରଣୀରେ ବୁଡ଼ ପକାଇଥାଏ। ଚଳିତବର୍ଷ ମଧ ରାଜନଗର ଘାଟ ସବ୍ୟାକାବେରୀ ତୁଠରେ ବୁଡ଼ ପକାଇଛି । ଭଗବାନ ସମସ୍ତଙ୍କ ମଙ୍ଗଳ କରନ୍ତୁ, ସୁଖ ସମୃଦ୍ଧି ଭରି ଦିଅନ୍ତୁ ତାହା କାମନା କରିଛନ୍ତି।' ଦୁଇ ଦିନିଆ କେନ୍ଦୁଝର ଗସ୍ତରେ ଆସିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ବୁଧବାର ପତ୍ନୀ ଓ ବନ୍ଧୁଙ୍କ ସହ ବୈତରଣୀରେ ବୁଡ଼ ପକାଇଛନ୍ତି । ପ୍ରତିବର୍ଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈତରଣୀ ନଦୀରେ ବୁଡ଼ ପକାଇ ଆସୁଛନ୍ତି । ଗତବର୍ଷ ଅନସୂୟା ତୀର୍ଥ ଘାଟରେ ବୁଡ଼ ପକାଇଥିଲେ ମୁଖ୍ୟମନ୍ତ୍ରୀ ।

## କିଟ୍‌ରେ ଚେସ୍ ମହାକୁମ୍ଭ ଉଦଘାଟିତ

# ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୧୪।୧ ନ୍ୟୁଜ ବ୍ୟୁରୋ**

କିଟ୍‌ରେ ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍‌ଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଉଦଘାଟନ କରିଥିଲେ। ଭାରତରେ କିଟ୍‌ରେ ପ୍ରଥମ ଥର ଲାଗି ଚେସ୍‌ର ଏଭଳି ମହାକୁମ୍ଭ ଅନୁଷ୍ଠିତ ହେଉଛି। ଏଫ୍‌ଆଇଡିଇ ଓ ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚେସ୍‌ର ଏହି ମହାକୁମ୍ଭରେ ଏଫ୍‌ଆଇଡିଇର ସଭାପତି ତଥା ଋଷର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆର୍କାଡି ଭର୍କୋଭିଚ୍, ଏଫ୍‌ଆଇଡିଇର ଡେପୁଟି ଚେୟାର ତଥା ଲଟଭିଆର ପ୍ରାକ୍ତନ ଅର୍ଥମନ୍ତ୍ରୀ ଦାନା ରେଜନିସ୍, ଏଆଇସିଏଫ୍ ଉପସଭାପତି ଦିବ୍ୟେନ୍ଦୁ ବରୁଆ, ସିଇଓ ଦେବ ପଟେଲ୍ ଓ ଅଭିଜିତ କୁନ୍ତେ, ସଂପାଦକ ଦେବ ପଟେଲ୍ ଓ ଇଭେଣ୍ଟ କମିସନ୍ ସଦସ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଛନ୍ତି। ଉଭୟ କିଟ୍ କ୍ୟାମ୍ପସ୍ ଓ ହୋଟେଲ୍ ମେ'ଫେୟାରରେ ଏହି କାର୍ଯ୍ୟକ୍ରମ ଚାଲିବ।




ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଆନନ୍ଦ କହିଲେ, ଚେସ୍ ମାଧ୍ୟମରେ ଶୈକ୍ଷିକ ଓ ସାମାଜିକ ବିକାଶ କରାଯାଇପାରେ। ଚେସ୍ ରେ ମନୋନିବେଶ କଲେ ଜଣକର ବୌଦ୍ଧିକ, ଗଭୀର ଚିନ୍ତନ ଓ ସ୍ଥିରତା ବୃଦ୍ଧି ପାଇଥାଏ। ଏଥିପାଇଁ ଜଣକୁ ବୃତ୍ତିଗତ ଚେସ୍ ଖେଳାଳି ହେବାର ଆବଶ୍ୟକତା ନାହିଁ। ଏଥିପାଇଁ ଚେସ୍‌କୁ ବିଦ୍ୟାଳୟସ୍ତରରୁ ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକତା ରହିଛି। ଚେସ୍ ଜଣକୁ ସଶକ୍ତ କରିବା ସହ ସେମାନଙ୍କୁ ଜୀବନ କୌଶଳ ଶିକ୍ଷା ପ୍ରଦାନ କରିଥାଏ। ଏହା ଛଡ଼ା ଚେସ୍ ଯୋଗୁଁ ପିଲାମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ଦକ୍ଷତା ବୃଦ୍ଧି ପାଇଥାଏ। ଏବେ ଅନେକ ଦେଶରେ ଚେସ୍‌କୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲାଣି। ଭାରତରେ ଚେସ୍‌କୁ ବିଦ୍ୟାଳୟସ୍ତରରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଫିଡେ ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ଆନନ୍ଦ କହିଥିଲେ। ଶ୍ରୀ ଆର୍କାଡି ସୂଚନାଦେଇ କହିଲେ, ଏଭଳି ସମ୍ମିଳନୀ ପ୍ରଥମ ଥର ଲାଗି ଭାରତରେ ଆୟୋଜନ କରାଯାଇଛି। ସେହିପରି ଶ୍ରୀମତୀ ଦାନା କହିଲେ, ବିଦ୍ୟାଳୟସ୍ତରରେ ଚେସ୍‌କୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ସମେତ ସମସ୍ତଙ୍କର ସହଯୋଗ ଆବଶ୍ୟକ। ପ୍ରଥମ ଥର ଲାଗି କିସ୍ ତା'ର ପାଠ୍ୟକ୍ରମରେ ଚେସ୍‌କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଶକ୍ତି, ଦକ୍ଷତା ଏବଂ ମାନସିକତା ସ୍ଥିରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। ଡ. ସାମନ୍ତ ସୂଚନା ଦେଇ କହିଲେ, ଓଡ଼ିଶାରେ ଚେସ୍‌କୁ ପରିଚୟ ଓ ପ୍ରୋତ୍ସାହନ କରିବା କ୍ଷେତ୍ରରେ କିଟ୍ ଓ କିସ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କିଟ୍ ଯୋଗୁଁ ଆଜି ଓଡ଼ିଶାରୁ ଅନେକ ଗ୍ରାଣ୍ଡ ମାଷ୍ଟର, ଇଣ୍ଟରନ୍ୟାସନାଲ ମାଷ୍ଟର ଭଳି ଚେସ୍ ତାରକା ତିଆରି ହୋଇପାରିଛନ୍ତି। ପ୍ରଥମଥର ପାଇଁ ଓଡ଼ିଶାରେ ଏଭଳି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାରେ ଚେସ୍‌କୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଡ. ସାମନ୍ତ କହିଥିଲେ। କିଟ୍ ସହଯୋଗରେ ଏଭଳି ସମ୍ମିଳନୀ ପ୍ରଥମ ଥର ଲାଗି ଓଡ଼ିଶାରେ ଆୟୋଜନ କରାଯାଉଥିବାରୁ ସେ ଫିଡେ ଓ ଏଆଇସିଏଫ୍‌କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ କିଟ୍ ପରିସରରେ ଥିବା ଇଣ୍ଟରନ୍ୟାସ୍‌ନାଲ୍ ଚେସ୍ ହଲ୍ ଓ ଚେସ୍ ଗ୍ରାଉଣ୍ଡକୁ ବିଶ୍ୱନାଥନ ଆନନ୍ଦ ଉଦ୍‌ଘାଟନ କରିଥିଲେ। ପରେ ଶ୍ରୀ ଆନନ୍ଦ ଓ ଦାନା କିସ୍ ବୁଲି ଦେଖିଥିଲେ। କିସ୍ ପରିଦର୍ଶନ କରିବା ସମୟରେ କିସ୍‌ରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଓ କ୍ୟାମ୍ପସ ଦେଖି ଅଭିଭୂତ ହୋଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ତାଙ୍କ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଥିଲେ। ପିଲାମାନଙ୍କୁ ଗୁରୁମନ୍ତ୍ର ଦେଇ ସେ କହିଲେ, ତୁମକୁ ଯାହା ଭଲ ଲାଗୁଛି, ଯେଉଁଥିରେ ତୁମେ ପାରଙ୍ଗମ ତାହା ତୁମେ କର। ଏହି ମେଗା ଇଭେଣ୍ଟରେ ଭାରତର ୮୦ ଚେସ୍ ତାରକାଙ୍କ ସମେତ ବିଶ୍ୱର ୪୦ଟି ଦେଶର ବିଶିଷ୍ଟ ଚେସ୍ ତାରକା ଯୋଗ ଦେଇଛନ୍ତି। ଏହି ମହାକୁମ୍ଭରେ ମୋଟ ୫ହଜାର ୨ଶହ ଖେଳାଳି ଅଂଶଗ୍ରହଣ କରୁଥିବା ବେଳେ ଭାରତର ୫ହଜାର ଚେସ୍ ଖେଳାଳି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି।

# ନବୀନ ନିବାସ ସମ୍ମୁଖ ରାସ୍ତା ଜବରଦଖଲ : ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୪/୦୧ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଏୟାରପୋର୍ଟ ରାସ୍ତା ଓ ଏକାମ୍ର ରୋଡ୍ ଉପରେ ଜବରଦଖଲ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି । ଜବରଦଖଲ ହଟାଇବାକୁ ପ୍ରାର୍ଥନା କରି ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ ହାଇଛି। ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ପ୍ରକାଶ ଚନ୍ଦ୍ର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱର ଏରୋଡ୍ରମ ଅଞ୍ଚଳ 'ନବୀନ ନିବାସ' ସମ୍ମୁଖରେ ବେଆଇନ ଭାବେ ଜବରଦଖଲ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି ଏହି ରାସ୍ତାରେ ଯାତାୟାତରେ ସମସ୍ୟା ହେଉଛି । ଏଥିସହ ସାଧାରଣ ଲୋକ, ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲିଙ୍ଗରାଜଙ୍କ ମନ୍ଦିରକୁ ଯିବା ଆସିବା ନେଇ ବି ବାଧା ସୃଷ୍ଟି ହେଉଛି । ତେଣୁ ଏଠାରେ ଅବୈଧ ଭାବେ ହୋଇଥିବା ନିର୍ମାଣ ଓ ବ୍ୟାରିକେଡିଂକୁ ହଟାଇବାକୁ ଦାବି କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏବଂ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରକାଶ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି ।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଡ଼. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ

**ଭୁବନେଶ୍ୱର, ୧୪/୦୧ ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ଡ଼. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧' ପ୍ରଦାନ କରାଯାଇଛି। ବୁଧବାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ଡ଼. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟ, ଗବେଷଣା ଏବଂ ସାମଗ୍ରିକ ସାହିତ୍ୟ କୃତି ଆଦିକୁ ବିଚାରକୁ ନେଇ ଡ଼. ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରାଯିବା ସହ ୫ଲକ୍ଷ ଟଙ୍କା ପୁରସ୍କାର ରାଶି, ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ହୋଇଥିବା ଡ଼. ଷଡ଼ଙ୍ଗୀଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ଅଭିନନ୍ଦନ ଜଣାଇବା ସହ ଏହି ସମ୍ମାନ ସାହିତ୍ୟ ଜଗତରେ ସାରସ୍ୱତ ସର୍ଜନା ଏବଂ ଗବେଷଣାକୁ ପ୍ରୋତ୍ସାହନ ଦେବ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ଡ଼. ନୃସିଂହ ଚରଣ ଷଡ଼ଙ୍ଗୀ ନିଜର ଅଭିଭାଷଣରେ ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିବା ସହ ଏହା ସଦାସର୍ବଦା ତାଙ୍କୁ ପ୍ରେରଣା ପ୍ରଦାନ କରିଛି ବୋଲି କହିଥିଲେ। ଔପନ୍ୟାସିକ ନାଥାନିଏଲଙ୍କ ଲିଖିତ 'ଦି ହାଉସ ଅଫ ସେଭେନ ଗାବେଲ୍ସ' ଏବଂ ଫକୀରମୋହନଙ୍କ ରଚିତ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସର ଏକ ତୁଳନାତ୍ମକ ଗବେଷଣା ଉପରେ ଡ଼. ଷଡ଼ଙ୍ଗୀ ବକ୍ତବ୍ୟ ପ୍ରଦାନ କରିବା ସହ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ ନିମନ୍ତେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ରାଜକବି ଗୋବିନ୍ଦଭଞ୍ଜ ଗ୍ରନ୍ଥାବଳୀ' ଏବଂ 'ସାହିତ୍ୟିକ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଛାତ୍ରୀମାନେ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ବିଶିଷ୍ଟ କଥାଶିଳ୍ପୀ ଓ ଔପନ୍ୟାସିକ ଶ୍ରୀ ଶାନ୍ତନୁ ଆଚାର୍ଯ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସୁନା ବେଶରେ ଦର୍ଶନ ଦେଲେ ମା' ତାରିଣୀ

**ଘଟଗାଁ ୧୪/୦୨ ନ୍ୟୁଜ ବ୍ୟୁରୋ**

ବୁଧବାର ହେଉଛି ମକର ସଂକ୍ରାନ୍ତି । ଏହି ମକର ସଂକ୍ରାନ୍ତିରେ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମକର ବୁଡ ଦେଇ ଦେବା ଦେବୀଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି । ଏହି ଅବସରରେ ବୁଧବାର ସକାଳୁ ସକାଳୁ ଘଟଗାଁ ମା'ତାରିଣୀଙ୍କ ପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି। ସକାଳ ପ୍ରହରୁ ମାଙ୍କ ସେବାୟତମାନେ ମା'ଙ୍କୁ ପ୍ରଥମେ ମହାସ୍ନାନ, ମାଜଣା, ବଡ ସିଂହାର ବେଶ, ମଙ୍ଗଳ ଆଳତୀ ସମେତ ଯଥା ରିତିକାନ୍ତିରେ ପୂଜାର୍ଚ୍ଚନା କରି ମାଙ୍କୁ ସୁନାବେଶରେ ସଜ୍ଜିତ କରି ସକାଳ ସାଢ଼େ ୬ଟାରୁ ମନ୍ଦିର ପହଡ ଖୋଲିଛନ୍ତି। ମକର ସଂକ୍ରାନ୍ତିରେ ମକର ବୁଡ ଦେଇ ମାଙ୍କର ସୁନାବେଶ ଦେଖିବା ପାଇଁ ସକାଳୁ ସକାଳୁ ଭକ୍ତଙ୍କ ସମାଗମ ହୋଇଛି । ତା'ସହିତ ମକର ସଂକ୍ରାନ୍ତିରେ ମାଙ୍କ ନିକଟରେ ମକର ଚାଉଳ ଭୋଗ ଲାଗିଥାଏ।

# ଶିକ୍ଷାନୁଷ୍ଠାନରେ ଗରିବ ପିଲାମାନଙ୍କୁ ପ୍ରବେଶ କରାଇବା ଏକ ଜାତୀୟ ମିଶନ ହେବା ଉଚିତ୍

**ନୂଆଦିଲ୍ଲୀ, ୧୪।୧**

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ । ଘରୋଇ ଅଣ-ସହାୟତାପ୍ରାପ୍ତ, ଅଣ-ସଂଖ୍ୟାଲଘୁ ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ଏବଂ ସାମାଜିକ ଭାବରେ ଦୁର୍ବଳ ବର୍ଗର ପିଲାମାନଙ୍କ ପାଇଁ ପ୍ରବେଶରେ ୨୫ ପ୍ରତିଶତ କୋଟା କାର୍ଯ୍ୟକାରୀ କରିବା ପାଇଁ ନିୟମ ପ୍ରସ୍ତୁତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଏହା ମଧ କହିଛନ୍ତି ଯେ, "ଶିକ୍ଷାନୁଷ୍ଠାନରେ ଗରିବ ପିଲାମାନଙ୍କୁ ପ୍ରବେଶ କରାଇବା ଏକ ଜାତୀୟ ମିଶନ ହେବା ଉଚିତ୍ ।" ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି, ସମ୍ବିଧାନର ଭ୍ରାତୃତ୍ୱର ଲକ୍ଷ୍ୟ ସେତେବେଳେ ହାସଲ ହେବ, ଯେତେବେଳେ ଜଣେ ରିକ୍ସା ଚାଳକର ପିଲା ଜଣେ କୋଟିପତି କିମ୍ବା ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କ ପିଲା ସହିତ ସ୍କୁଲରେ ପଢ଼ିବ। ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ସମସ୍ତ ସ୍କୁଲ ଗରିବ ଏବଂ ପଛୁଆ ବର୍ଗର ପିଲାମାନଙ୍କ ପାଇଁ ମାଗଣାରେ ୨୫ ପ୍ରତିଶତ ଆସନ ସଂରକ୍ଷଣ କରିବା ନିଶ୍ଚିତ କରିବା ପାଇଁ କୋର୍ଟ ଏକ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଶିକ୍ଷା ଅଧିକାର ଆଇନ ପିଲାମାନଙ୍କୁ ସମାନ ଶିକ୍ଷାର ଅଧିକାର ଦିଏ । ମାମଲାର ଶୁଣାଣି କରି ବିଚାରପତି ପିଏସ୍ ନରସିହ୍ମା ଏବଂ ଏଏସ୍ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଶିକ୍ଷା ଅଧିକାର ଆଇନ ଜାତି, ବର୍ଗ, ଲିଙ୍ଗ କିମ୍ବା ଆର୍ଥିକ ସ୍ଥିତି ଆଧାରରେ କୌଣସି ଭେଦଭାବ ବିନା ସମାନ ବିଦ୍ୟାଳୟରେ ସମସ୍ତ ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରେ । 'ଧାରା ୧୨ ଭ୍ରାତୃତ୍ୱ ସହିତ ସମାନତା ଏବଂ ସ୍ୱାଧୀନତାର ସାମ୍ବିଧାନିକ ନୀତିକୁ ସୁଦୃଢ଼ କରେ,' । କୋର୍ଟ କହିଛନ୍ତି ଯେ, ଧାରା ୧୨ ଅନୁଯାୟୀ, ବିନା ସହାୟତା ପ୍ରାପ୍ତ ପଡ଼ୋଶୀ ବିଦ୍ୟାଳୟରେ ୨୫% ପିଲାଙ୍କ ପ୍ରବେଶ କେବଳ ଏକ ପୃଥକ ଜନହିତକର ପଦକ୍ଷେପ ନୁହେଁ, ବରଂ ଧାରା ୨୧ଇ ଏବଂ ୩୯(ଲ)ରେ ସ୍ୱୀକୃତିପ୍ରାପ୍ତ ଭ୍ରାତୃତ୍ୱ ଏବଂ 'ଶିଶୁର ବିକାଶ' ପ୍ରତି ସାମ୍ବିଧାନିକ ପ୍ରତିବଦ୍ଧତାକୁ ସାକାର କରିବାର ଏକ ମାଧ୍ୟମ । କୋଠାରୀ କମିଶନ ରିପୋର୍ଟକୁ ଦର୍ଶାଇ, କୋର୍ଟ କହିଛନ୍ତି ଯେ ଏହା ଏକ 'ସାଧାରଣ ବିଦ୍ୟାଳୟ ବ୍ୟବସ୍ଥା' ଉପରେ ଗୁରୁତ୍ୱାରୋପ କରିଛି ଯେଉଁଠାରେ ସମାଜର ସମସ୍ତ ବର୍ଗର ପିଲାମାନେ ଭେଦଭାବ ବିନା ସମାନ ଶିକ୍ଷା ପାଇପାରିବେ । ଖଣ୍ଡପୀଠ କହିଛନ୍ତି ଯେ, ଶିକ୍ଷା ଅଧିକାର ଆଇନର ଧାରା ୩୮ ଅନୁଯାୟୀ ନିୟମ ଏବଂ ନିୟମାବଳୀ ପ୍ରସ୍ତୁତ କରିବା ଆବଶ୍ୟକ, ଯାହା ଦୁର୍ବଳ ଏବଂ ଅନଗ୍ରସର ବର୍ଗର ପିଲାମାନଙ୍କୁ କିପରି ଏବଂ କେଉଁ ଉପାୟରେ ପଡ଼ୋଶୀ ସ୍କୁଲରେ ପ୍ରବେଶ କରାଯିବ ତାହା ସ୍ଥିର କରିବ । ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଜାତୀୟ ଏବଂ ରାଜ୍ୟ ପରାମର୍ଶଦାତା ପରିଷଦ ସହିତ ପରାମର୍ଶ କରି ଧାରା ୧୨(୧)(ମ)ର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ନିୟମ ଏବଂ ନିୟମାବଳୀ ପ୍ରସ୍ତୁତ ଏବଂ ପ୍ରଣୟନ କରିବାକୁ କୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ସିପିସିଆରକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଜାରି ନିୟମ ଏବଂ ନିୟମାବଳୀ ବିଷୟରେ ସୂଚନା ସଂଗ୍ରହ କରିବାକୁ ଏବଂ ମାର୍ଚ୍ଚ ୩୧ ସୁଦ୍ଧା କୋର୍ଟରେ ଏକ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ନ୍ୟାୟଧୀଶ ପି.ଏସ୍. ନରସିଂହ ଏବଂ ଅତୁଲ ଏସ୍. ଚାନ୍ଦୁରକରଙ୍କ ଖଣ୍ଡପୀଠ ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ଇଡବ୍ଲୁଏସ୍ ବର୍ଗର ଛାତ୍ରଛାତ୍ରୀମାନେ ପ୍ରବେଶ ପାଇବାରେ ସମ୍ମୁଖୀନ ହେଉଥିବା ଅସୁବିଧା ସହିତ ଜଡ଼ିତ ଦିଗଗୁଡ଼ିକ ଉପରେ ବିଚାର କରୁଛନ୍ତି, ଯାହା ବେସରକାରୀ ଅଣ-ସହାୟତାପ୍ରାପ୍ତ ଅଣ-ସଂଖ୍ୟାଲଘୁ ବିଦ୍ୟାଳୟଗୁଡ଼ିକରେ ଏହିପରି ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସଂରକ୍ଷଣକୁ ବାଧ୍ୟତାମୂଳକ କରିଥାଏ। ଖଣ୍ଡପୀଠ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାୟର ଏକ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଉପରେ ଶୁଣାଣି କରୁଛନ୍ତି, ଯାହାଙ୍କ ପିଲାମାନଙ୍କୁ ୨୦୧୬ରେ ଏକ ପଡ଼ୋଶୀ ସ୍କୁଲରେ ସିଟ୍ ଉପଲବ୍ଧ ଥିବା ସତ୍ତ୍ୱେ ମାଗଣା ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପାଇଁ ପ୍ରବେଶରୁ ବଞ୍ଚିତ କରାଯାଇଥିଲା। ଏହା ପରେ, ସେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

